**ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ**

ଲାଠୋର,( ଭୁବନେଶ୍ୱର ବାରିକ): ତାମିଲନାଡୁ ରାଜ୍ୟ କାଞ୍ଚିପୁରମ ଜିଲା ଚିଙ୍ଗଲପେଟରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜାମଚୁଆଁ ଗାଁର ଶିବ ମାଝୀଙ୍କ ପୁଅ ପୁସ୍ତମ ମାଝୀ(୨୫) । ପୁସ୍ତମ ଅନ୍ୟମାନଙ୍କ ସହ କାମ କରିବାକୁ ତାମିଲନାଡୁ ଯାଇଥିବା ବେଳେ ରବିବାର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ପାଖକୁ ଫୋନ ଆସିଥିବା ଜଣାପଡିଛି । ପରିବାର ଲୋକ ପୁଅକୁ ହରାଇ ଭାଙ୍ଗି ପଡ଼ିଥିବା ବେଳେ ମୃତଦେହ ଗାଁକୁ ଫେରୁଥିବା ସୂଚନା ମିଳିଛି।

# ବାଇକ୍ ଧକ୍କାରେ ଜଣେ ମୃତ, ଜାତୀୟ ରାଜପଥ ଅବରୋଧ

**ବଲାଙ୍ଗୀର,୧୨।୮(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଶଙ୍କରଭୋଜି ଛକ ନିକଟରେ ରବିବାର ରାତିରେ ଏକ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣାକୁ କେନ୍ଦ୍ର କରି ସୋମବାର ମଧ୍ୟାହ୍ନରେ ଗାଁ ଲୋକେ ଉତ୍ତ୍ୟକ୍ତ ହୋଇ ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଶଙ୍କରଭୋଜି ଗାଁର ଚତୁର୍ଭୁଜ ନନ୍ଦ (୪୦)ଙ୍କୁ ଶଙ୍କରଭୋଜି ଛକ ନିକଟରେ ଜଣେ ବାଇକ୍ ଆରୋହୀ ଧକ୍କା ଦେଇଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁ ଲୋକେ ଉତ୍ତ୍ୟକ୍ତ ହୋଇ ଚତୁର୍ଭୁଜଙ୍କ ମୃତଦେହ ନେଇ ୨୬ ନମ୍ବର ଜାତୀୟ ରାଜପଥର ଶଙ୍କରଭୋଜି ଛକରେ ରଖି ରାସ୍ତାରୋକୋ କରିଥିଲେ। ରାସ୍ତାରୋକୋ ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ମୃତ ଚତୁର୍ଭୁଜଙ୍କ ସ୍ତ୍ରୀ ଓ ୪ ଝିଅ ଅଛନ୍ତି। ଏବେ ତାଙ୍କର ଅକାଳ ମୃତ୍ୟୁ ପରେ ଏହି ପରିବାର ଭାଙ୍ଗି ପଡିଛନ୍ତି। ଗତକାଲି ରାତିରେ ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀଙ୍କୁ ଲୋକେ ଅଟକ ରଖି ପୋଲିସ ଜିମା ଦେଇଥିଲେ। ତେବେ ତାଙ୍କୁ ଗିରଫ କରାଯିବା ସହ ମୃତକଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ପ୍ରଦାନ ଓ ତାଙ୍କ ପରିବାର ସଦସ୍ୟଙ୍କ ପ୍ରତିପୋଷଣ ପାଇଁ ସୁନିଶ୍ଚିତ ଉପାର୍ଜନ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଥିଲେ। ବଲାଙ୍ଗୀର ଏସଡିପିଓ ପ୍ରଦୀପ କୁମାର ସାହୁ ଏବଂ ପୁଇଁତଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହାର କରାଯାଇଥିଲା।


ଉତ୍ତ୍ୟକ୍ତ ଲୋକଙ୍କୁ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ବୁଝାଉଛନ୍ତି।

# ଖଇର କାଠ ଗଣ୍ଡି ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

## ଡ୍ରାଇଭର ଫେରାର

**ପାଟଣାଗଡ,୧୨।୮(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ରେଞ୍ଜ ଲରମ୍ବା ସେକ୍ସନ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଖଇର କାଠ ଗଣ୍ଡି ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଛି। ଗତ ରବିବାର ରାତିରେ ଲରମ୍ବା ବନବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଛୁଆଲିଉଦର ଗ୍ରାମର ଛକ ନିକଟରେ ଉକ୍ତ ଭ୍ୟାନ୍‌କୁ ସନ୍ଦେହରେ ଯାଞ୍ଚ କରିଥିଲେ। ଯାଞ୍ଚ କରିବା ସମୟରେ ଭ୍ୟାନ୍‌ରେ ଖଇର କାଠ ଗଣ୍ଡି ଲୋଡ ହୋଇଥିବା ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରୁ ଗାଡି ଡ୍ରାଇଭର ଫେରାର ହୋଇଯାଇଛି । ବନବିଭାଗ ପିକ୍‌ଭ୍ୟାନକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ଜବତ ଖଇର କାଠଗଣ୍ଡି ୧୦ କୁଇଣ୍ଟାଲ ହେବ ବୋଲି ଲରମ୍ବା ଫରେଷ୍ଟର ପ୍ରିୟବ୍ରତ ନାଏକ ସୂଚନା ଦେଇଛନ୍ତି।

# ଜନଶୁଣାଣି ଶିବିର :୨୩୧ ଅଭିଯୋଗ ପଞ୍ଜୀକୃତ

**ଦେଓଗାଁ,୧୨।୮(କୃଷ୍ଣ ପ୍ରସାଦ ପାଣିଗାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ନୀନା ଛତ୍ରିଆ ସଭାପତିତ୍ୱ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ କୁମାର ନାଗଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ବିଡିଓ କ୍ଷମାନିଧି ଭୋଇ, ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, ସ୍ଥାନୀୟ ସମିତି ସଭ୍ୟା ମୀନାକୁମାରୀ ସା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତ୍ତ ରଞ୍ଜନ ମିଶ୍ର, ଅତିରିକ୍ତ ତହସିଲଦାର ସୋମକେଶ ନାୟକ, ଜିତେନ୍ଦ୍ର କୁମାର ବାଗ, ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ, ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ବନୀତା ବେହେରା, ଏପିଓ ସୁଧାଂଶୁ ଭୂଷଣ ମେହେର, ସହକାରୀ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର ତଥା ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଆଗକୁ ସମସ୍ୟାଗୁଡିକର ସମାଧାନ ଦିଗରେ ପ୍ରଶାସନ କାମ କରିବ ବୋଲି ବିଡିଓ ଭୋଇ ସୂଚନା ଦେଇଥିଲେ। ଶିବିରରେ ଦେଓଗାଁ ପଞ୍ଚାୟତର ଦେଓଗାଁ ଓ କଛାରପାଲି ଗାଁର ୨୩୧ଟି ବିଭିନ୍ନ ପ୍ରକାରର ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସ୍ଥାନୀୟ ପଞ୍ଚାୟତର ସମସ୍ତ କର୍ମଚାରୀ, ୱାର୍ଡ ସଭ୍ୟାସଭ୍ୟ ସହଯୋଗ କରିଥିଲେ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଉଦାସୀନତାକୁ ନେଇ ଅସନ୍ତୋଷ

**ଲୋଇସିଂହା,୧୨।୮(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟାସ୍ଥିତ ଏକ ଲାଇସେନ୍ସପ୍ରାପ୍ତ ଔଷଧ ଦୋକାନରୁ ଲଟାମରା ଔଷଧ ନେଇ ଜମିରେ ସିଞ୍ଚନ କରି ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଗତ ୧୧ ତାରିଖ ଦିନ ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବ୍ଲକ ସହକାରୀ କୃଷି ଅଧିକାରୀ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ଏହାର ଯାଞ୍ଚ କରିବାକୁ କହିଥିଲେ । କିନ୍ତୁ ସୋମବାର ସନ୍ଧ୍ୟା ୭ଟା ସୁଦ୍ଧା ଗ୍ରାମ୍ୟ କୃଷି କର୍ମଚାରୀମାନେ ତାଙ୍କୁ ରିପୋର୍ଟ କରି ନ ଥିବା ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ କୁମାର ସାହୁ କହିଛନ୍ତି। ସହକାରୀ କୃଷି ଅଧିକାରୀ ସାହୁ ଆହୁରି ସୂଚନା ଦେଇଛନ୍ତି, କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ଜଣାଇଲେ ସଂପୃକ୍ତ ଚାଷୀଙ୍କ କ୍ଷେତକୁ ରାଜସ୍ୱ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବେ । ଏହାପରେ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା ଗ୍ରହଣ କରାଯିବ । ଏହି ଔଷଧ ପକାଇ କେତେଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଏଭଳି ସ୍ଥିତିରେ ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଉଦସୀନତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, ସପ୍ତାହେ ତଳେ ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଓ ଆଗଲାପାଲି ଗ୍ରାମର ଚାଷୀମାନେ ଗୁର୍ଜିଭଟାସ୍ଥିତ ବ୍ୟବସାୟୀଙ୍କ ନିକଟରୁ ଲଟାମରା(ଘାସମରା) ଔଷଧ ନେଇ ଜମିରେ ପ୍ରୟୋଗ କରିଥିଲେ। କିନ୍ତୁ ଚାଷ ଜମିର ଲଟା ମରିବା ବଦଳରେ ଧାନଗଛ କ୍ଷତିଗ୍ରସ୍ତ ହୋଇଛି ।

# ରାଗିଂମୁକ୍ତ କ୍ୟାମ୍ପସ୍ ଉପରେ ଗୁରୁତ୍ୱାରୋପ

## ଏସ୍‌ଆଇଏଚ୍‌ଏମ୍‌ରେ ଆଣ୍ଟି ରାଗିଂ କମିଟି ବୈଠକ


ଆଣ୍ଟି ରାଗିଂ କମିଟି ବୈଠକରେ ଉପସ୍ଥିତ ସଦସ୍ୟ ଓ ଛାତ୍ରୀଛାତ୍ର।

**ବଲାଙ୍ଗୀର, ୧୨।୮(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରସ୍ଥିତ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନର ଆଣ୍ଟି ରାଗିଂ କମିଟି ବୈଠକ ପ୍ରତିଷ୍ଠାନ ହଲରେ ସୋମବାର ଅପରାହ୍ଣରେ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନକୁ ରାଗିଂ ମୁକ୍ତ କରିବା ଏବଂ ଶୈକ୍ଷିକ ପରିବେଶରେ ଛାତ୍ରୀଛାତ୍ରମାନେ କିଭଳି ସେମାନଙ୍କ କ୍ୟାରିୟର ଗଠନ କରିପାରିବେ ସେନେଇ ଆଲୋଚନା ହୋଇଥିଲା। ରାଗିଂ ଭଳି ଏକ ଅମାନବୀୟ କାର୍ଯ୍ୟରୁ ଛାତ୍ରୀଛାତ୍ରମାନେ ନିବୃତ୍ତ ରହିବା ଏବଂ ଏ ଦିଗରେ ରହିଥିବା ଆଇନଗତ ବ୍ୟବସ୍ଥାକୁ ଠିକ୍ ଭାବେ ଜାଣିବା ପାଇଁ ଆଲୋଚନା କରାଯାଇଥିଲା। କୌଣସି ପରିସ୍ଥିତିରେ କୌଣସି ଛାତ୍ର ରାଗିଂ ଭଳି ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ନ ରହିବା ପାଇଁ ତାଗିଦ୍ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପରସ୍ପର ଭିତରେ ଉତ୍ତମ ସମ୍ପର୍କ ସ୍ଥାପନ କରି ଭବିଷ୍ୟତ ଗଠନ କରିବାକୁ କମିଟି ସଦସ୍ୟମାନେ ପରାମର୍ଶ ଦେଇଥିଲେ। ବୈଠକରେ କମିଟି ସଦସ୍ୟ ତଥା ପ୍ରତିଷ୍ଠାନ ଅଧ୍ୟାପିକା ଓ ବାଳିକା ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ କଳ୍ପନା ଜେନା, ଆଇଟି ବିଭାଗ ଅଧ୍ୟାପକ କୋଲ୍ଲୁରୁ ରବି କୁମାର, ବାଳକ ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ ଦିନେଶ କୁମାର ଗୋଡସରା, ବୀରେନ୍ଦ୍ର କୁମାର ଝାଙ୍କର, ଛାତ୍ର ପ୍ରତିନିଧି ଭାଗ୍ୟଶ୍ରୀ ଚକ୍ର ଓ ପ୍ରେମଦୀପ ବାର୍ଲା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ପ୍ରତିନିଧି ତଥା ଶେଷବର୍ଷ ଛାତ୍ର ଏସ୍‌କେ ସାହିଲ ସଂଯୋଜନା କରିଥିଲେ। ଏହି ଅବସରରେ କଲେଜର ନବାଗତ ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ଛାତ୍ରୀଛାତ୍ର ଏବଂ ଷ୍ଟାଫ୍ ଉପସ୍ଥିତ ଥିଲେ। ଆଣ୍ଟି ରାଗିଂ ଦିବସ ଏବଂ ସପ୍ତାହ ପାଳନ ଅବସରରେ ରାଗିଂକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କଳାତ୍ମକ ଏବଂ ସୃଜନାତ୍ମକ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା।




# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ଖପ୍ରାଖୋଲ,୧୨।୮(ଅଭୟ ତ୍ରିପାଠୀ)**

ସୋମବାର ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ବ୍ଲକ ଅଧକ୍ଷା ନିରୁପମା ପଟେଲ, ଏପିଓ ପ୍ରଶାନ୍ତ କୁମାର ସାହୁ, ବ୍ଲକ ସହ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ସରପଞ୍ଚ ବୈଦ୍ୟନାଥ ମିଶ୍ର ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅବସରରେ ଗ୍ରାମୀଣ ଆବାସ ପାଇଁ ୧୩୦, ରାଶନ କାର୍ଡ ପାଇଁ ୮୦, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ପର୍କିତ ୩, ଭତ୍ତା ପାଇଁ ୫ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ଜିଲା ନିଶା ନିବାରଣ କେନ୍ଦ୍ରର ପ୍ରଥମ ପ୍ରତିଷ୍ଠା ଦିବସ**

# ନିଶାମୁକ୍ତ ସମାଜ ବଡ଼ ଦାୟିତ୍ୱ



ବଲାଙ୍ଗୀର ଜିଲା ନିଶା ନିବାରଣ କେନ୍ଦ୍ରର ପ୍ରଥମ ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର,୧୨।୮(ବୀରେନ୍ଦ୍ର କୁମାର ଝାଙ୍କର)**

ଜିଲା ନିଶା ନିବାରଣ କେନ୍ଦ୍ରର ପ୍ରଥମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଚଟିଆପାଲିସ୍ଥିତ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଥିଲା। ପିପୁଲସ୍ ଫୋରମ୍ ପକ୍ଷରୁ ପରିଚାଳିତ ଏହି ନିଶା ନିବାରଣ କେନ୍ଦ୍ରର ପ୍ରଥମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦିନଜିତ୍ ହୋତା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ଯୋଗଦାନ କରି ନିଶାଗ୍ରସ୍ତ ଯୁବକ ଏବଂ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ନିଶା ନିବାରଣ କେନ୍ଦ୍ର ଓ ଏହାର ସ୍ୱେଚ୍ଛାସେବୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ନିଶାମୁକ୍ତ ସମାଜ ଗଠନ ସମସ୍ତଙ୍କ ପାଇଁ ଏକ ବଡ ଦାୟିତ୍ୱ ବୋଲି ଅତିଥିମାନେ କହିଥିଲେ। ପିପୁଲସ୍ ଫୋରମ୍‌ର ଉପସଭାପତି ତଥା ପଶ୍ଚିମ ଓଡିଶା ମୁଖ୍ୟ ସଞ୍ଜୟ ଯେଠୀ କେନ୍ଦ୍ରର ଆଭିମୁଖ୍ୟ ଏବଂ ସଂକଳ୍ପ ବିଷୟରେ କହିଥିଲେ। କେନ୍ଦ୍ର ପରିଚାଳକ ରଶ୍ମିରଞ୍ଜନ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ଷେତ୍ର ପରିଚାଳକ ଶିବପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନସ୍ତତ୍ତ୍ୱବିତ୍ ସୋମନାଥ ସାହୁ, ସିପୁ ନାୟକ, ଡା. ମନୋରମା ଶତପଥୀ, ସର୍ବେଶ୍ୱର ପ୍ରଧାନ, ବିକ୍ରମ ଥନାପତି, ଗୌରବ ଦଲାଇ ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ନିଶାମୁକ୍ତ ସମାଜ ପାଇଁ ଶପଥ ପାଠ କରାଯାଇଥିଲା। ପରେ ଚଟିଆପାଲି ଆଶ୍ରମ ବିଦ୍ୟାଳୟ ପରିସରରେ ଅତିଥି, କେନ୍ଦ୍ର ସଦସ୍ୟ ଏବଂ ଅନ୍ତେବାସୀ ମିଳିତ ଭାବେ ବୃକ୍ଷରୋପଣ କରିଥିଲେ।

# ମୋଟରସାଇକେଲ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

**ମୁରିବାହାଲ,୧୨।୮(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ହିନ୍ଦୁ ସଚେତନ ଓ ସୁରକ୍ଷା କମିଟି ତରଫରୁ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କ ମୁରିବାହାଲ ବ୍ଲକକୁ ପ୍ରବେଶ ନିଷେଧ ଦାବି କରି ସୋମବାର ଏକ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ କମିଟି ପକ୍ଷରୁ ବିଡ଼ିଓ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ହିନ୍ଦୁ ସଂଗଠନ ପକ୍ଷରୁ ମୁରିବାହାଲ ସାପ୍ତାହିକ ବଜାରଠାରେ ଥିବା ହନୁମାନ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ତହସିଲ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ପ୍ରଥମେ ମୁରିବାହାଲ ଭାରପ୍ରାପ୍ତ ଥାନା ଅଧିକାରୀ ଦନାର୍ଦ୍ଦନ ଓରାମ ଓ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପସ୍ଥିତ ଥିବା ଯୋଗୁ ଆକାଉଣ୍ଟସ୍ ଅଧିକାରୀ ଘିନୁରାମ ତାଣ୍ଡି ଓ ତହସିଲଦାର ଜଗଦୀଶ କର୍ତ୍ତାମୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନ ପକ୍ଷରୁ ବାଂଲାଦେଶୀ ହିନ୍ଦୁମାନଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ଦୃଢ ନିନ୍ଦା କରାଯାଇଛି । ଏଥିସହ ମୁରିବାହାଲ ବ୍ଲକର ୨୨ ଗୋଟି ଗ୍ରାମ ପଞ୍ଚାୟତରେ ବ୍ୟବସାୟ ନାମରେ ଯେପରି ବାଂଲାଦେଶୀ, ରୋହିଙ୍ଗ୍ୟା ପ୍ରବେଶ ନ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଗଠନର ସଭାପତି ବନବିହାରୀ ଯୋଶୀ, କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ମହାନ୍ତି, ଉପଦେଷ୍ଟା ଶ୍ରୀବତ୍ସ ବେହେରା, ସାଧାରଣ ସମ୍ପାଦକ ନାରାୟଣ ସାହୁଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା। ସୁଧାଂଶୁ ଶେଖର ପୋଡ଼ ଯାଦବ, ପଦ୍ମଲୋଚନ ସାହୁ, ଦିବ୍ୟସୁନ୍ଦର ସାହୁ, ଟୁନା ବାବା, ତହସିଲ ନାଗ, କିଶୋର ଘିବେଲା, ସୁରେଶ କୁମାର ଭୋଇ, ଅନ୍ତର୍ଯ୍ୟାମୀ ମହାକୁର, ଗିରିଧାରୀ କମ୍ପ, ମନୋଜ ସାହୁ ପ୍ରମୁଖ ସାମିଲ ଥିଲେ।



## ପୋଲିସ ଗୁଳିରେ ୨ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ଚୁଲିମାଲ ଗାଁ ପଡିଆରେ ଗତ ୬ତାରିଖରେ ପୋଲିସ ସର୍ଭିସ ବନ୍ଧୁକରୁ ଗୁଳି ଫୁଟି ସୋନପୁର ବିଧାୟକଙ୍କ ପିଏସ୍‌ଓ ମନୋଜ ଝାଙ୍କର ଓ ମନୋଜଙ୍କ କକାପୁଅ ଭାଇ ଶେଷଦେବ ଝାଙ୍କର ମୃତ୍ୟୁ ଘଟିଥିଲା। ୨ ମୃତକଙ୍କ ପରିବାରକୁ ଭେଟିଛନ୍ତି ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା। ସହାନୁଭୂତ ପ୍ରକାଶ କରିବା ସହ ସେ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ସୁବର୍ଣ୍ଣପୁର: ୫୧ସ୍ଥାନରେ ଆଳୁ ବିକିଲେ ସରକାର

ସୋନପୁର,୧୨।୮(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶାରେ କିଛି ଦିନ ଧରି ଆଳୁ ଦର ବୃଦ୍ଧି ଖାଉଟିଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପନିପରିବା ଦର ଅଧିକ ଥିବା ବେଳେ ଆଳୁ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଆଳୁ ସମସ୍ୟା ସମାଧାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଥା ହୋଇଥିଲେ। ତେବେ ପଶ୍ଚିମବଙ୍ଗ ସରକାର ମନ୍ଦ ଉଦ୍ଦେଶ୍ୟ ରଖି ଓଡ଼ିଶାକୁ ଆଳୁ ଗାଡି ଛାଡୁନାହାନ୍ତି। ବଜାରରେ ଆଳୁ ୪୦ ରୁ ୪୫ ଟଙ୍କାରେ ବିକ୍ରି ହେଉଛି। ଖୁଚୁରା ବ୍ୟବସାୟୀ ପରିସ୍ଥିତିର ଫାଇଦା ଉଠାଇବାକୁ ଯାଇ ଅଧିକ ଲାଭ ରଖୁଛନ୍ତି। ତେଣୁ ଖାଉଟିଙ୍କ ସୁବିଧା ପାଇଁ ସରକାର ସୁବର୍ଣ୍ଣପୁର ଜିଲାର ୫୧ଟି ସ୍ଥାନରେ ସୋମବାର ଆଳୁ ବିକ୍ରି କରିଛନ୍ତି। ମଙ୍ଗଳବାର ବିକ୍ରୟ ସଂଖ୍ୟା ବୃଦ୍ଧି ପାଇବ ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଖାଉଟିଙ୍କ ସୁବିଧା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। ସୁବର୍ଣ୍ଣପୁର ସହରର ୬ଟି ସ୍ଥାନରେ ଫେୟାର ପ୍ରି ସପ୍ ଜରିଆରେ ଆଳୁ ବିକ୍ରି ହେଉଛି। ବିନିକା ସହରରେ ୬ଟି ଓ ତରଭା ସହରରେ ୩ଟି ସ୍ଥାନରେ ଅଳୁ ବିକ୍ରି ହେଉଛି। ଜିଲାର ୬ଟି ବ୍ଲକର ମୋଟ ୩୬ଟି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଆଳୁ ବିକ୍ରି ହୋଇଥିବା ଜଣାପଡିଛି। ହୋଲସେଲରଙ୍କ ନିକଟରୁ ଆଳୁ ଆଣି ୧୦୦ଟଙ୍କାରେ ୩ କିଲୋ ଖାଉଟିଙ୍କୁ ଦିଆଯାଉଛି। ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର କରାଯାଇଛି। ବିକ୍ରୟ କେନ୍ଦ୍ର ଯଥେଷ୍ଟ ହେଉ ନଥିଲେ ମଧ ଏହା ଖାଉଟିଙ୍କୁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି।


ସୁବର୍ଣ୍ଣପୁର ସହରର ଏକ ସରକାରୀ ଖୁଚୁରା କେନ୍ଦ୍ରରେ ଆଳୁ ବିକ୍ରି କରାଯାଉଛି।

## ଚରଦା ପାପକ୍ଷୟ ଘାଟରେ କାଉଡ଼ିଆଙ୍କ ଭିଡ଼

ବିନିକା,୧୨।୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟ ଓ ଶୈବପୀଠ ଚରଦାର ବାବା କପିଳେଶ୍ୱର ମହାଦେବ ମନ୍ଦିର ଶ୍ରାବଣ ଚତୁର୍ଥ ସୋମବାର କାଉଡିଆଙ୍କ ପ୍ରବଳ ସମାଗମ ହୋଇଥିଲା। କାଉଡ଼ିଆମାନେ ବିନିକା ନିକଟ ମହାନଦୀ ପାପକ୍ଷୟ ଘାଟରୁ ଜଳ ଆଣି ମହାଦେବଙ୍କ ଠାରେ ଜଳାଭିଷେକ କରିଥିଲେ । କାଉଡ଼ିଆଙ୍କ ଶୃଙ୍ଖଳିତ ଜଳାଭିଷେକ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଟ୍ରଷ୍ଟ ବୋର୍ଡ ସଭାପତି ଅଶୋକ ପୃଷ୍ଟି କହିଛନ୍ତି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବୌଦ୍ଧ,୧୨।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୌଦ୍ଧ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ନୂତନ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଏହା ପ୍ରଥମ ଅଭିଯୋଗ ଶୁଣାଣି ଥିଲା। ଯୁଗ୍ମ ଅଭିଯୋଗ ଶୁଣାଣିରେ ସମୁଦାୟ ୧୧୩ଟି ଅଭିଯୋଗ ମଧ୍ୟରୁ ୧୦୬ଟି ବ୍ୟକ୍ତିଗତ ଓ ୭ଟି ସାମୁହିକ ଅଭିଯୋଗ ରହିଥିଲା। ଜିଲାପାଳ ସେଥିମଧ୍ୟରୁ ୪୭ଟି ଅଭିଯୋଗ ଶୁଣାଣି କରିଥିଲେ। ଏହାସହିତ ୧୦ଜଣଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା। ଦୁଇଜଣ ବ୍ୟକ୍ତିଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ, ବିଡିଓ ଶରତ ଚନ୍ଦ୍ର ସେଠୀ, ତହସିଲଦାର ବିଭୁ ପ୍ରସାଦ ସିଂ ଉପସ୍ଥିତ ରହି ଜନସାଧାରଙ୍କ ଅଭିଯୋଗ ଶୁଣି ସମାଧାନ କରିଥିଲେ। ଏଥିରେ ଜିଲା ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମାଧାନ କରିଥିଲେ।


ଶିବିରରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟମାନେ।

## ସ୍ୱାଧୀନତା ଦିବସ ପାଇଁ ଅଭ୍ୟାସ ପରେଡ୍

ବୌଦ୍ଧ,୧୨।୮(ଅଜିତ କୁମାର ବାରିକ)

ବୌଦ୍ଧରେ ଆଗାମୀ ଜିଲାସ୍ତରୀୟ ସ୍ୱାଧୀନତା ଦିବସକୁ ଶୃଙ୍ଖଳିତ ଓ ଆଡ଼ମ୍ବର ସହକାରେ ପାଳନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଗତ ୧୧ ତାରିଖଠାରୁ ଆଇଆରବି, ଜିଲା ପୋଲିସ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ତିନି ଦିନ ପାଇଁ ଅଭ୍ୟାସ ପରେଡ ଆରମ୍ଭ ହୋଇଛି। ଜିଲା ଷ୍ଟାଡିୟମ ପଡିଆଠାରେ ଏହି ଉତ୍ସବ ପାଳନ ପାଇଁ ପରେଡ୍ ପୂର୍ବାଭ୍ୟାସ ସହିତ ପଡ଼ିଆରେ ସାଜସଜ୍ଜା ମଧ ଆରମ୍ଭ ହୋଇଛି। ଅଭ୍ୟାସ ପରେଡ଼ ପରିଚାଳନା କରୁଛନ୍ତି ରିଜର୍ଭ ଇନ୍ସପେକ୍ଟର (ପୋଲିସ) କୁଳମଣି ଗିରି । ସର୍ଜେଣ୍ଟ ଖଗେଶ୍ୱର ବିଶ୍ୱାଳ ଏବଂ ଶ୍ରୀକାନ୍ତ ବହିଦାର, ପୁରନ୍ଦର ମହାନନ୍ଦିଆ ସହଯୋଗ କରିଥିଲେ। ପରେଡ଼ ପୂର୍ବାଭ୍ୟାସକୁ ସଂଯୋଜନା କରିଥିଲେ ଜବାହର ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲିପ କୁମାର ବତ୍ୟା। ଏହି ପୂର୍ବାଭ୍ୟାସରେ ସର୍ବମୋଟ ୪୨ଟି ଟ୍ରୁପ୍ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରେଡ଼ ପୂର୍ବାଭ୍ୟାସ ଅନୁଷ୍ଠିତ ହୋଇଥିଲା।

# ଅଧିକାରୀଙ୍କ ସହ କ୍ଷେତ୍ର ଅନୁଧାନ କଲେ ବିଧାୟକ


ଘୁଙ୍ଗିଯୋର ପୋଲ ନିକଟରେ ସ୍ଥିତି ଅନୁଧାନ କରାଯାଉଛି।

ଅମରପାଲି,୧୨।୮(ପୀତାମ୍ବର ସାହୁ)

ବୀରମହାରାଜପୁର-ଅମରପାଲି ରାସ୍ତାର ଭୂତିଆପାଲି ନିକଟରେ ଥିବା ଘୁଙ୍ଗିଯୋର ପୋଲ ନିର୍ମାଣ ପାଇଁ ପ୍ରଶାସନିକ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହିତ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ପୋଲ ନିକଟକୁ ଆସି ସ୍ଥିତି ପରଖିଛନ୍ତି। ପୋଲ ନିର୍ମାଣ କାମ ଅଧାରେ କାହିଁକି ଅଟକିଲା, କେଉଁ ସ୍ଥାନରେ ନିର୍ମାଣ କଲେ ପୋଲ ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ସାମାନ୍ୟ ବର୍ଷା ହେଲେ ଘୁଙ୍ଗିଯୋର ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ପ୍ରଭାବିତ ହୋଇଥାଏ। କିଛିବର୍ଷ ପୂର୍ବେ ପୂର୍ତ୍ତ ବିଭାଗ ତରଫରୁ ବୀରମହାରାଜପୁରରୁ ଅମରପାଲି ଦେଇ ମୋଚିବହାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ଏହା ସହିତ ଉକ୍ତ ପୋଲ

### ଘୁଙ୍ଗିଯୋର ଉପରେ ପୋଲ ନିର୍ମାଣ ପ୍ରସଙ୍ଗ

କାମ ମଧ ହେବାର ଥିଲା। ମାତ୍ର ଠିକାଦାର କାମ ଆରମ୍ଭ କରିବା ପରେ ଜମି ଅଧିଗ୍ରହଣ ସମସ୍ୟା ହେବାରୁ କାମ ବନ୍ଦ କରି ଦେଇଥିଲେ। ଫଳରେ ପ୍ରାୟ ୩ ବର୍ଷ ହେଲା ପୋଲ ହୋଇ ପାରୁନାହିଁ। ଫଳରେ ଉଭୟ ବୀରମହାରାଜପୁର ଓ ରେଢ଼ାଖୋଲ ବ୍ଲକର ପ୍ରାୟ ଶତାଧିକ ଗ୍ରାମର ଲୋକେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଥଲେ। ଏନେଇ ବିଧାୟକ ଜଗଦଲା ଗତ ବିଧାନସଭା ଅଧିବେଶନରେ ଉକ୍ତ ପୋଲ କାମ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ସ୍ଥିତି ଅନୁଧାନ ବେଳେ ବିଧାୟକଙ୍କ ସହିତ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଦାମୋଦର କୈବର୍ତ୍ତ, ସହକାରୀ ଯନ୍ତ୍ରୀ, ଉପ ଜିଲପାଳ ଲଲାଟେନ୍ଦୁ ସି, ତହସିଲଦାର ପୁନମ ମହାପାତ୍ର, ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡା, ଏବିଡିଓ ପୁରୁଷୋତ୍ତମ ଧରୁଆ, ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ ଉପସ୍ଥିତ ଥିଲେ।




# କଣ୍ଟାମାଳରେ ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀ ।

ଘଣ୍ଟାପଡ଼ା,୧୨।୮(ପ୍ରଭାତ କୁମାର ସାହୁ)

ସ୍ୱାଧୀନତା ଦିବସ ଉପଲକ୍ଷେ ଆସନ୍ତା ୧୪ ତାରିଖ ପୂର୍ବାହ୍ନରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ମହକୁମାର ଗିରିଗୋବର୍ଦ୍ଧନ ପୀଠଠାରୁ କଲୋରାକୋଠା ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବାର ଅଛି। ଏଥିପାଇଁ ପ୍ରସ୍ତୁତି ବୈଠକ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ଡାଙ୍ଗ ଏହି କାର୍ଯ୍ୟକ୍ରମକୁ ନିଷ୍ଠାର ସହିତ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ସହ ବରିଷ୍ଠ ଭାଜପା ନେତା ଶେଷ ମେହେର, କଣ୍ଟାମାଳ ମଣ୍ଡଳ ସଭାପତି ଅନିଲ କୁମାର ପ୍ରଧାନ, ଘଣ୍ଟାପଡ଼ା ମଣ୍ଡଳ ସଭାପତି ପିନାକ ରଣା, ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଯୁବ ଜିଲା ସଭାପତି ଅଟଳ ପ୍ରଧାନ, ଶିବ ଚାଉଳିଆ, କିଶୋର ମେହେର, କେଦାର ସାହୁ, କୃଷ୍ଣ କହଁର, ଜେମାକାନ୍ତ ନାଏକ, ଠାକୁର ନାଏକ, ପଞ୍ଚାନନ ସାହୁ, ବିଜିତ ପ୍ରଧାନ, ଉମ୍ବରୁଧର କହଁର, ବିଜୁ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜଙ୍ଗଲ ସୃଷ୍ଟି ହେଲେ ଜଳବାୟୁ ଭଲ ରହିବ

ଡୁଙ୍ଗୁରିପାଲି, ୧୨।୮(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସର୍ଗୁଲ ଗ୍ରାମରେ ପ୍ରୟାସ ସଙ୍ଗଠନ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏକ ସୁସ୍ଥ ପରିବେଶ ଗଠନ ଓ ସବୁଜ ବନାନୀ ଆବଶ୍ୟକତା ନିମନ୍ତେ ପ୍ରକୃତିପ୍ରେମୀ ପ୍ରଫୁଲ୍ଲ ବାରିକ ଓ ବବୁଲୁ ସାହୁଙ୍କ ନେତୃତ୍ୱରେ ସର୍ଗୁଲ ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ କରି ସର୍ଗୁଲ କେନାଲ ରାସ୍ତା ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଜଙ୍ଗଲ ସୃଷ୍ଟି ହେଲେ ଜଳବାୟୁ ଭଲ ରହିବ ଏବଂ ଜୀବଜଗତ ବଞ୍ଚି ପାରିବ ବୋଲି ଅନୁଷ୍ଠାନ ସଦସ୍ୟମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ବାଗ, ହିମାଂଶୁ ପୁଟେଲ, ତୁଷାର ବନଛୋର, ପ୍ରତୀଶ ନାଇକ, ଅଜିତ ସାହୁ, ଶିତୋସ ଜୁଆଡି, ସୋହନ ସାହୁ, ମୁକେଶ ଭୁଏ, ଯୁଧିଷ୍ଟିର ନାହାକ, ସୁରେନ୍ଦ୍ର ସାହୁ ଯୋଗଦେଇ ଚାରା ରୋପଣ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

ତରଭା, ୧୨।୮(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ୪୮ ପଞ୍ଜିକୃତ ଅଭିଯୋଗ ଗ୍ରହଣ କରିଥିଲେ। ସେଥିରୁ ୩୮ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଥିଲା। ଅଭିଯୋଗଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ କୁହାଯାଇଥିଲା। ବିଡିଓ ଅନିଲ କୁମାର କୁଲୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୁବର୍ଣ୍ଣପୁର ସୁରଜ କୁମାର ପଟ୍ଟନାୟକ, ସିଡିଏମଓ ଡ ଦୁର୍ଗାଦତ୍ତ ଦାସ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।



# ୨ବର୍ଷରେ ୩୪ ମଣିଷ, ୧୪ ହାତୀ ମୃତ

## ହାତୀ-ମଣିଷ ଲଢେଇ

ସୁନ୍ଦରଗଡ,୧୨।୮(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ ଜିଲାରେ ଜଙ୍ଗଲ ସମ୍ପଦର ଅବକ୍ଷୟ ଯୋଗୁ ଖାଦ୍ୟପାଇଁ ଏବେ ଜନବସତି ମୁହାଁ ହୋଇପଡିଛନ୍ତି ହାତୀପଲ। ଜିଲାର ବିଭିନ୍ନ ଅଞ୍ଚଳରେ ପ୍ରତିବର୍ଷ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧାନ ଫସଲ, ପନିପରିବା ଚାଷ, ଘରଦ୍ୱାର ନଷ୍ଟ ହେଉଛି। ହାତୀ ମଣିଷ ଲଢ଼େଇରେ କେତେବେଳେ ମଣିଷର ମୃତ୍ୟୁ ଘଟୁଛି ତ, କେତେ ବେଳେ ହାତୀର। ଉଭୟ ହାତୀ–ମଣିଷ ଲଢ଼େଇ ଏବେ ଜିଲାରେ ସଙ୍କଟ ଜନକ ସ୍ଥିତିରେ ପହଞ୍ଚିଛି। ଚାଷ ଜମିରେ ଧାନଚାଷ ଆରମ୍ଭ ହେବା ପରେ ହାତୀ ଉପଦ୍ରବ ଆରମ୍ଭ ହୋଇଯାଉଛି। ଜିଲାର ବଣାଇ, କୋଇଡା ଲହୁଣୀପଡା, ହେମଗିରି,ରାଜଗାଙ୍ଗପୁର,କୁତ୍ରା,ବଡଗାଁ, ବାଲିଶଙ୍କରା, ସବ୍‌ଡେଗା ଓ ସୁନ୍ଦରଗଡ ସଦର ଆଦି ବ୍ଲକ ଅଞ୍ଚଳରେ ସର୍ବାଧିକ ହାତୀଉପଦ୍ରବ ଦେଖିବାକୁ ମିଳିଛି। ଜିଲାରେ ଗତ ୨ ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ମୋଟ ୩୪ ଜଣଙ୍କ ଜୀବନ ଯାଇଛି। ସେଥିମଧ୍ୟରେ ୨୦୨୩–୨୪ରେ ୨୬ଜଣଙ୍କ ଜୀବନହାନି ହୋଇଛି। ବଣାଇ ବନଖଣ୍ଡରେ ୧୨ଜଣ, ରାଉରକେଲା ବନଖଣ୍ଡରେ ୮ ଏବଂ ସୁନ୍ଦରଗଡ ବନଖଣ୍ଡରେ ୬ ଜଣଙ୍କ ଜୀବନ ଯାଇଛି। ୨୦୨୪–୨୫ରେ ମୋଟ ୮ ଜଣଙ୍କ ଜୀବନ ଯାଇଛି। ସେଥି ମଧ୍ୟରୁ ବଣାଇ ବନଖଣ୍ଡରେ ୩, ରାଉରକେଲା ବନଖଣ୍ଡରେ ୪ ଏବଂ ସୁନ୍ଦରଗଡ ବନଖଣ୍ଡରେ ଜଣଙ୍କର ମୃତ୍ୟୁ ଘଟିଛି। ହାତୀ ପଲଙ୍କୁ ଘଉଡାଇବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଉଥିଲେ ହେଁ ମୁଖ୍ୟତଃ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀପଲ ଜନ ବସତି ମୁହାଁ ହେଉଛନ୍ତି। ସେହିପରି ଗତ୨୦୨୧–୨୨ଆର୍ଥିକ ବର୍ଷରୁ ଚଳିତ ୨୦୨୪ଜୁନ ସୁଦ୍ଧା ଜିଲାରେ୧୪ଟି ହାତୀଙ୍କ ମୃତ୍ୟୁ ଘଟିଛି। ୨୦୨୧–୨୨ରେ ବଣାଇ ବନଖଣ୍ଡରେ ୩ଟି ଓ ରାଉରକେଲା ବନଖଣ୍ଡରେ ଗୋଟିଏ ହାତୀର ମୃତ୍ୟୁ ଘଟିଛି। ୨୦୨୨–୨୩ରେ ବଣାଇ ବନଖଣ୍ଡ ଓ ରାଉରକେଲା ବନଖଣ୍ଡରେ ୨ଟି ଲେଖାଏଁ ଏବଂ ସୁନ୍ଦରଗଡ ବନ ଖଣ୍ଡରେ ଗୋଟିଏ ହାତୀର ମୃତ୍ୟୁ ଘଟିଛି। ୨୦୨୩–୨୪ରେ ବଣାଇ ବନଖଣ୍ଡରେ ୩ଟି ଓ ସୁନ୍ଦରଗଡ ବନଖଣ୍ଡରେ ଗୋଟିଏ ହାତୀର ଜୀବନ ଯାଇଛି। ଚଳିତ ୨୦୨୪–୨୫ ଆର୍ଥିକ ବର୍ଷର ଜୁନ ୨୦୨୪ସୁଦ୍ଧା ରାଉରକେଲା ବନଖଣ୍ଡରେ ଗୋଟିଏ ହାତୀର ମୃତ୍ୟୁ ଘଟିଛି। ତେଣୁ ଉଭୟ ହାତୀ ଏବଂ ମଣିଷଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ତରଫରୁ ବିହିତ ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ପରିବେଶବିତମାନେ ମତ ଦେଇଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ସୁନ୍ଦରଗଡ,୧୨।୮(ଜୟ ନାରାୟଣ ମେଣ୍ଡୁଲି):** ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ତଥା ସୁନ୍ଦରଗଡ଼ ସହରର ଜଣାଶୁଣା ପଣ୍ଡିତ ହେମନ୍ତ କୁମାର ଦାଶ (୬୪)ଙ୍କ ସୋମବାର ପ୍ରାତଃ ସମୟରେ ମୃତ୍ୟୁ ଘଟିଛି। ସେ ଅସୁସ୍ଥ ଥିବାରୁ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଗତ କିଛି ଦିନରୁ ହୃଦ ରୋଗରେ ପୀଡ଼ିତ ଥିଲେ। ସେ ଜିଲା ବ୍ରାହ୍ମଣ ସମାଜର ଜଣେ ସକ୍ରିୟ ସଦସ୍ୟ ରହି ସମାଜ ତରଫରୁ ହେଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟ ଗୁଡିକରେ ଅଂଶଗ୍ରହଣ କରି ଆସୁଥିଲେ। ଜିଲା ସ୍ତରୀୟ ଗାନ୍ଧୀ ଜୟନ୍ତୀରେ ପ୍ରତିବର୍ଷ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଗୀତା ପାଠ କରିଆସୁଥିଲେ। ତାଙ୍କ ବିୟୋଗରେ ପୈତୃକ ଗ୍ରାମ ଢେଲସରା ସହ ସୁନ୍ଦରଗଡ଼ ପୌରପାଳିକାରେ ଶୋକର ଛାୟା ଖେଳି ଯାଇଛି।



# ସୁନ୍ଦରଗଡ଼ର ନୂତନ ଜିଲାପାଳ ଭାବେ ଦାୟିତ୍ୱ ନେଲେ ମନୋଜ

ସୁନ୍ଦରଗଡ,୧୨।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ର ନୂତନ ଜିଲାପାଳଭାବେ ୨୦୧୯ ବ୍ୟାଚର ଭାରତୀୟ ପ୍ରଶାସନିକ ଅଧିକାରୀ ମନୋଜ ସତ୍ୟବାନ ମହାଜନ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ରାଉରକେଲା ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାଜନ ପୂର୍ବରୁ ରାୟଗଡ଼ା ଜିଲାପାଳ ଭାବେ ଅବସ୍ଥାପିତ ଥିଲେ ଏବଂ ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଭାବେ ମଧ୍ୟ ଅବସ୍ଥାପିତ ଥିଲେ। ସେ ଜିଲାର ୬୧ତମ ଜିଲାପାଳଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋମବାର ସେ ଜିଲାପାଳଭାବେ ଯୋଗଦେବା ପରେ ସମସ୍ତ ଅଧିକାରୀ ଓ ଜିଲା ଅମଲା ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଓ ଖଣି ପ୍ରଭାବିତ ସୁନ୍ଦରଗଡ ଜିଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଆଗେଇ ନେବାରେ ନୂତନ ଜିଲାପାଳଙ୍କ ବଳିଷ୍ଠ ଭୂମିକା ରହିବ ବୋଲି ଜିଲାବାସୀ ଆଶା ପ୍ରକାଶ କରିଛନ୍ତି।



ମନୋଜ ସତ୍ୟବାନ ମହାଜନ।

# ଶିବିରରେ ୧୨୨ ଅଭିଯୋଗ ଶୁଣାଣି



କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

କୁଆଁରମୁଣ୍ଡା,୧୨।୮(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଯାଇଛି। ଅଭିଯୋଗ ଶୁଣାଣିରେ ଜିଲାରେ ଯୋଗ ଦେଇଥିବା ନୂତନ ଜିଲାପାଳଙ୍କୁ ସାଧାରଣ ଲୋକେ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଦେବା ପାଇଁ ବହୁ ସଂଖ୍ୟାରେ ଉପସ୍ଥିତ ହୋଇଥିଲେ। ହେଲେ ଜିଲାପାଳ ଅଭିଯୋଗ ଶୁଣାଣିରେ ଉପସ୍ଥିତ ନ ରହିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିବିରରେ ଉପସ୍ଥିତ ଥିବା ଜିଲାସ୍ତରୀୟ ଅଧିକାରୀଙ୍କ ନିକଟରେ ଲୋକେ ଅଭିଯୋଗ ଜଣାଇଥିଲେ। ବିଶେଷ କରି ରାସ୍ତା,ବିଦ୍ୟୁତ୍,ଉଠା ଜଳସେଚନ ଓ ଅନ୍ୟାନ୍ୟ ବିଷୟରେ ସର୍ବମୋଟ ୧୨୨ଟି ଅଭିଯୋଗ ଆଗତ ହୋଇଥିଲା। ସୁନ୍ଦରଗଡ ଜିଲା ଏଡିଏମ ଅଭିମନ୍ୟୁ ମାଝୀ, ଜିଲା ଆରକ୍ଷୀ ଅଧିକ୍ଷକ ଡ.ପ୍ରତ୍ୟୁଷ ଦିବାକର, ପାନପୋଷ ଉପଜିଲାପାଳ,ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ପ୍ରମୁଖଙ୍କ ସହ ଜିଲାସ୍ତରୀୟ ଅଧିକାରୀ ବିଶେଷ କରି ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ରାଜୁ ତିୱାରୀ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଲାଲୁ ସିଂଦେଓ, ରାଜେଶ କେରକେଟା, ଘନଶ୍ୟାମ ଦେବତା, ଦିଲ୍ଲୀପ ପଟେଲ ପ୍ରମୁଖ ଉପସ୍ଥିତ ରହି କୁଆଁରମୁଣ୍ଡା ମୁଖ୍ୟ ରାସ୍ତା ଦୂରବସ୍ଥା ନେଇ ଦୃଢ଼ ଅଭିଯୋଗ କରିଥିଲେ। ଶିବିରରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା ଉପସ୍ଥିତ ରହି ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିଥିବା ବେଳେ କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡ଼େକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକ କର୍ମଚାରୀମାନେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।




## ହିନ୍ଦୀ ଚଳଚ୍ଚିତ୍ର ପତଙ୍ଗଙ୍କୁ ମିଳିଲା ଜାତୀୟ ପୁରସ୍କାର



ବନ୍ଧମୁଣ୍ଡା, ୧୨।୮ (ସୁବ୍ରତ ଦେ)

ଭୋପାଳ ସହରରେ ଆୟୋଜିତ ନିର୍ମଳ ପାଣ୍ଡେ ମେମୋରିଆଲ ଫିଲ୍ମ ଫେଷ୍ଟିଭାଲ ଭୋପାଳ – ୨୦୨୪ରେ ହିନ୍ଦୀ ସିନେମା "ପତଙ୍ଗ"କୁ ୨ଟି ପୁରସ୍କାର ମିଳିଛି। ଏହି ଅବସରରେ ବନ୍ଧମୁଣ୍ଡାର ଉଦୀୟମାନ ଅଭିନେତା ବିବେକ ଗୁପ୍ତାଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ସମ୍ମାନ ଭାରତୀୟ ସିନେମାର ବରିଷ୍ଠ ଅଭିନେତା ତଥା ଚନ୍ଦ୍ରକାନ୍ତା ସିରିଏଲର କ୍ରୁର ସିଂ ଅଖିଳେନ୍ଦ୍ର ମିଶ୍ର, ରାଜୀବ ଭର୍ମା, ସୁସ୍ମିତା ମୁଖାର୍ଜୀ ଏବଂ ଲୋକପ୍ରିୟ ସିରିୟଲ ସିଆଇଡିର ଅଭିଜିତ ଆଦିତ୍ୟ ଶ୍ରୀବାସ୍ତବଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଡିସେମ୍ବରରେ ଆୟୋଜିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଖଜୁରାହୋରେ ମଧ୍ୟ "ପତଙ୍ଗ" ସିନେମାକୁ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ବୋନି କପୁର, ଅଭିନେତ୍ରୀ ଜୟା ପ୍ରଦା, ଗୁଲସନ ଗ୍ରୋଭରଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାଉରକେଲା ସ୍ମାର୍ଟ ସିଟିର ଛୋଟ ସହର ବନ୍ଧମୁଣ୍ଡା ନିବାସୀ ବିଭୂତି କୁମାର ଗୁପ୍ତା ଟ୍ରେନରେ ଝାଡୁ ମାରୁଥିବା ଜଣେ ଶିଶୁଙ୍କ ଜୀବନୀ ଉପରେ ହିନ୍ଦୀ ସିନେମା "ପତଙ୍ଗ" ପ୍ରସ୍ତୁତ କରି ସମଗ୍ର ଦେଶରେ ରାଉରକେଲାର ଗୌରବ ବଢ଼ାଇଛନ୍ତି। ଏହି ସିନେମାରେ ଭାଗ ନେଇଥିବା ଅଧିକାଂଶ ଶିଶୁ କଳାକାର ଓଡିଶା ଏବଂ ରାଉରକେଲା ସହରର।

## ବାଇକ୍ ଧକ୍କାରେ ଜଣେ ମୃତ

**ରାଜଗାଙ୍ଗପୁର,୧୨।୮(ଅଶୋକ ପାଣି) :** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡିଅଧୀନ କାଂଶବାହାଲ ଜାତୀୟ ରାଜପଥ ୧୦ରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦ୍ରୁତୁ ବାର୍ଲା(୫୯)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଦ୍ରୁତୁ ରବିବାର ବିଲରୁ କାମ ସାରି ଘରକୁ ଫେରୁଥିବର ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନାବାଳିକାଙ୍କୁ ବାଳାତ୍କାର ଅଭିଯୋଗରେ ବୃଦ୍ଧ ଗିରଫ

**ରାଜଗାଙ୍ଗପୁର,୧୨।୮(ଅଶୋକ ପାଣି):** ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଜଣେ ୬୦ ବର୍ଷର ବୃଦ୍ଧ ୫ ବର୍ଷର ଏକ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଜୁନାଥନ ଟପ୍ପୋଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

# ପୌରପରିଷଦ ବୈଠକରେ ଯୋଗ ଦେଲେନି ବିଜେଡି କାଉନସିଲର

ସୁନ୍ଦରଗଡ଼,୧୨।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ପୌରପରିଷଦର ୧୩ତମ କାଉନସିଲ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରପାଳିକାର ବିଭିନ୍ନ ବିଷୟରେ ଆଲୋଚନା ହେବା ସହିତ ସହରର ରଙ୍ଗାଡିପା ସ୍ଥିତ ଏବଂ କୋର୍ଟ ସମ୍ମୁଖ ନବ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଥିଲା। ଗତ କାଉନସିଲ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଥିବାବେଳେ ଚଳିତ ବୈଠକରେ ଏହି ପ୍ରସ୍ତାବ ଦୃଢ଼ୀକରଣ ହୋଇଛି। ବୈଠକରେ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା,କେନ୍ଦ୍ର ମନ୍ତ୍ରୀ ତଥା ଏମପି ଜୁଏଲ ଓରାମଙ୍କ ପ୍ରତିନିଧି ବଟକିଶୋର ମିଶ୍ର, ବିଧାୟକ ଯୋଗେଶ ସିଂହଙ୍କ ନବ ନିଯୁକ୍ତ ପ୍ରତିନିଧି ଡା. ହିମାଂନଶୁ ଷଡ଼ଙ୍ଗୀ ଓ ଅନ୍ୟ ଭାଜପା କାଉନସିଲରମାନେ ଯୋଗ ଦେଇଥିଲେ। ହେଲେ ପରିଷଦର ଥିବା ୧୧ଜଣ ବିଜେଡି କାଉନସିଲର ଏହି ବୈଠକର ଯୋଗ ଦେଇ ନ ଥିଲେ। ୧୯ଜଣ କାଉନସିଲରଙ୍କୁ ନେଇ ଗଠିତ ଏହିପରି ପରିଷଦରେ ୧୧ଜଣ ବିଜେଡି କାଉନସିଲର ଓ ୭ ଭାଜପା କାଉନସିଲର ରହିଛନ୍ତି। ପୌରାଧ୍ୟକ୍ଷା ପଦବୀ ଭାଜପା ଦଖଲରେ ଥିବା ବେଳେ ଉପାଧ୍ୟକ୍ଷ ପଦବୀ ବିଜେଡି ଦଖଲରେ ରହିଛି। ବୈଠକରେ ୧୧ଜଣ ବିଜେଡି କାଉନସିଲର ଯୋଗ ନ ଦେଇ ଅନ୍ୟ ଏକ ସ୍ଥାନରେ ଗୁପ୍ତ ବୈଠକ କରିଥିବା ନେଇ ସହରରେ ନାନା ଆଲୋଚନା ଚର୍ଚ୍ଚା ଚାଲିଛି। ବିଧାୟକଙ୍କ ନବ ନିଯୁକ୍ତ ପ୍ରତିନିଧିଙ୍କୁ କେତେକ କାଉନସିଲର ଗ୍ରହଣ ନ କରି ବୈଠକରେ ଯୋଗ ଦେଇ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଏଭଳି ଅଭିଯୋଗକୁ ବୈଠକରେ ଯୋଗ ଦେଇ ନ ଥିବା କାଉନସିଲରଙ୍କ ମଧ୍ୟରୁ ଜଣେ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ପୌରପାଳିକାରେ ବିଜେଡି କାଉନସିଲରଙ୍କୁ ଅଣଦେଖା କରାଯାଉଛି। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ତାଙ୍କର ମତାମତକୁ ଗୁରୁତ୍ୱ ଦିଆଯାଉ ନାହିଁ। ହେଲେ ପୌରାଧ୍ୟକ୍ଷା ମିଶ୍ର ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସମସ୍ତଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉଛି। ସହରବାସୀଙ୍କ ସ୍ୱାର୍ଥକୁ ଦେଖି ବିକାଶ ମୂଳକ କାର୍ଯ୍ୟ କରାଯାଉଛି। ହେଲେ ବୈଠକରେ ଯୋଗଦେଇ ନ ଥିବା ବିଜେଡି କାଉନସିଲରଙ୍କ ପରବର୍ତ୍ତୀ ପଦକ୍ଷେପକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି।



# ମିରର୍ ଥିଏଟର ପ୍ରତିଷ୍ଠା ଦିବସରେ 'ରଙ୍ଗ ପରବ' ନାଟ୍ୟ ମହୋତ୍ସବ

ଝାରସୁଗୁଡ଼ା,୧୨।୮ (ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାର ବେଲପାହାଡ଼ସ୍ଥିତ ମିରର୍ ଥିଏଟରର ୩୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ 'ରଙ୍ଗ ପରବ' ନାଟ୍ୟ ମହୋତ୍ସବ-୨୦୨୪ ଆରମ୍ଭ ହୋଇଯାଇଛି। ଏହା ୧୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୪ ତାରିଖ ସମାପ୍ତ ହେବ। ଉଦଘାଟନୀ ସମରୋହରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ ମିରର ଥିଏଟର ଜାତୀୟ ଆନ୍ତର୍ଜାତୀୟସ୍ତରରେ ଅନେକ ଖ୍ୟାତି ଅର୍ଜନ କରିପାରିଛି। ଏହି ଅନୁଷ୍ଠାନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଅତୀତରେ ମିରର ଥିଏଟରର କଳାକାରମାନେ ଲଗାତାର ୪୯ ଘଣ୍ଟା ଧରି ନାଟକ 'କାଏନ୍ୟୁରି' ପ୍ରଦର୍ଶନ କରି ବିଶ୍ୱ ରେକର୍ଡ଼ ସୃଷ୍ଟି କରିପାରିଛି। ଏହି ଅନୁଷ୍ଠାନ ଆଗାମୀ ଦିନରେ ଆହୁରି ଉନ୍ନତି ଘଟୁ ବୋଲି ମନ୍ତ୍ରୀ ପୂଜାରୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ଟିଆରଏଲ କ୍ରୋସକି ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର, ପୌର କାଉନସିଲର କହ୍ନେଇ ଚରଣ ସେଠ, ମିରର ଥିଏଟରର ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ରହିଥିଲେ। ଅନ୍ୟତମ ଅତିଥି ଭାବେ ଲଖନପୁର ସରପଞ୍ଚ ଆରତୀ ପଧାନ ଓ କଳା ପ୍ରେମୀ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସନ୍ତୋଷ ସାହୁଙ୍କ ସମେତ ସୌଭାଗ୍ୟ ରଞ୍ଜନ ସାହୁ, ଗୌରୀ ଶଙ୍କର କୁମ୍ଭାର ମଞ୍ଚ ପରିଚାଳନା କରିଥିବା ବେଳେ ଯୁବରାଜ ସିଂ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ପଣ୍ଡିତ ରଘୁନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମିରର ଥିଏଟରର ବିଶ୍ୱ ରେକର୍ଡ଼ ପ୍ରାପ୍ତ ୪୮ ଘଣ୍ଟିଆ ନାଟକ 'କାଏନ୍ୟୁରି'ରେ ପ୍ରଦର୍ଶନ କରିଥିବା ବରିଷ୍ଠ ଓ କନିଷ୍ଠ କଳାକାରଙ୍କୁ ମାନପତ୍ର ଦେଇ ଅତିଥିଗଣ ସମ୍ମାନିତ କରିଥିଲେ। ଏହା ସହ ମିରର ଥିଏଟରର ୩୨ତମ ବର୍ଷର ଲୋଗୋ ଓ ନୂତନ ନାଟକର ଗୀତ ଉନ୍ମୋଚନ ଓ କ୍ଷୁଦ୍ର ଚଳଚ୍ଚିତ୍ର 'ମୂର୍ତ୍ତି'ର ମୁହୁରତ କରିଥିଲେ। ପରେ ମିରର ଥିଏଟରର ବରିଷ୍ଠ କଳାକାର ସୁଶାନ୍ତ ମହାରଣାଙ୍କ ଦ୍ୱାରା ନାଟକ 'ବେକାର' ପ୍ରଦର୍ଶିତ ହୋଇଥିଲା। ଏହି ନାଟକ ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ନାଟକର କାହାଣୀରେ ବର୍ତ୍ତମାନ ପ୍ରତିକୂଳ ପରିସ୍ଥିତିରେ ଅନେକ ଶିକ୍ଷିତ ବେକାର ଯୁବବର୍ଗ ପଥଚ୍ୟୁତ ହୋଇ ପରବର୍ତ୍ତୀ ସମୟରେ ବିଭିନ୍ନ ଅପରାଧିକ ମାମଲାରେ ସଂପୃକ୍ତ ହୋଇ ମୃତ୍ୟୁମୁଖକୁ ପଡ଼ିବା ସହ ବିନାଶ ଆଡ଼କୁ ଗତି କରୁଛନ୍ତି। ତେଣୁ ସେମାନେ ପଥଚ୍ୟୁତ ନ ହୋଇ ଠିକ ବାଟରେ ଯିବାକୁ ନାଟକ ମାଧ୍ୟମରେ ସଚେତନତା କରାଯାଉଛି।



ମିରର୍ ଥିଏଟରର ପ୍ରତିଷ୍ଠା ଦିବସରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଉପସ୍ଥିତ ଅନ୍ୟ ଅତିଥି।

# ମହିଳା, ଯୁବକ, କୃଷକଙ୍କ ବିକାଶ ଉପରେ ଗୁରୁତ୍ୱ

## ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

ଝାରସୁଗୁଡ଼ା,୧୨।୮ (ସଞ୍ଜୟ ମାଲି)

ସ୍ଥାନୀୟ ଏକ ହୋଟେଲରେ ଝାରସୁଗୁଡା ଜିଲା ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ମିଳନୀରେ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଓ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ରାଜ୍ୟ ସରକାର ଯୁଗାନ୍ତକାରୀ ବଜେଟ ଆଣିଥିବା କହିଛନ୍ତି। ଭାଜପା ଯେଉଁ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛି, ତାହା ପାଳନ କରିବାକୁ ଯଥାସମ୍ଭବ ଚେଷ୍ଟା କରାଯାଉଛି। ଓଡ଼ିଶାରେ ଭାଜପା ସରକାର ରାଜ୍ୟରେ ଏକ ନୂତନ ରାଜନୈତିକ ସଂସ୍କୃତି ପ୍ରତିଷ୍ଠା କରିଛି। ରାଜ୍ୟ ସରକାର ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ କର୍ପସ ପାଣ୍ଠି ପାଇଁ ୫ ଶହ କୋଟି ଟଙ୍କା ବ୍ୟୟ ବରାଦ କରି ମୋହନ ସରକାର ଓଡ଼ିଆଙ୍କ ଅସ୍ମିତାକୁ ଗୁରୁତ୍ୱ ଦେଇଛନ୍ତି। ଚଳିତ ବଜେଟରେ ସମାଜର ୪ଟି ବର୍ଗ ଗରିବ, ମହିଳା, ଯୁବକ ଏବଂ କୃଷକଙ୍କ ବିକାଶ ପାଇଁ ଗୁରୁତ୍ୱ ଦିଆଯାଇଛି। ଧାନ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା, ୮୦ ବର୍ଷ ବୟସ୍କ ଏବଂ ୮୦ ପ୍ରତିଶତ ଭିନ୍ନକ୍ଷମଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା, ଉପଖଣ୍ଡସ୍ତରରେ ୫୮ଟି ଶୀତଳଭଣ୍ଡାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସକୁ ଆଧାର କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରିଛନ୍ତି। ଭାଜପା ସରକାର ପ୍ରଥମ ବଜେଟରେ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଛି। ସ୍କୁଲ ଡ୍ରପଆଉଟ ବନ୍ଦ କରିବା, ଉପସ୍ଥାପନ ବଢ଼ାଇବା ଓ ସବୁ ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ତୁରନ୍ତ ୧୬୦୦୦ ଶିକ୍ଷକ ପଦବୀ ପୂରଣ ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଏହାପରେ ସବୁ ସ୍କୁଲରେ ଯେପରି ଶିକ୍ଷକ ଅଭାବ ଦୂରହେବ ସେଥିପ୍ରତି ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ତ୍ରିପାଠୀ କହିଛନ୍ତି। ଆଗାମୀ ୨ ମାସ ମଧ୍ୟରେ ମଙ୍ଗଳବଜାର ଡାକ୍ତରଖାନା ପୁନଃ କାର୍ଯ୍ୟକ୍ଷମ ହେବ ବୋଲି କହିବା ସହ ୩ ମାସ ମଧ୍ୟରେ ଲକ୍ଷ୍ମୀ ନାରାୟଣ କଲେଜ ସରକାରୀ ମାନ୍ୟତା ପାଇବ ବୋଲି ବିଧାୟକ ତ୍ରିପାଠୀ କହିଛନ୍ତି। ବୁଦ୍ଧିଜୀବୀ ସମ୍ମିଳନୀରେ ଝାରସୁଗୁଡା ଜିଲା ଭାଜପା ସଭାପତି ସୁନୀଲ କୁମାର ପଣ୍ଡା, ଜିଲା ଉପସଭାପତି ନବଲ ଅଗ୍ରୱାଲ, ମହେନ୍ଦ୍ର କେଡିଆ, ଦିନେଶ ଜୈନ, ସହରର ବୁଦ୍ଧିଜୀବୀ, ସଚେତନ ନାଗରିକ, ଭାଜପା କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଦେବଗଡ଼,୧୨।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଆସିଥିବା ୧୩ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ୬ଟି ବ୍ୟକ୍ତିଗତ ସମସ୍ୟା ଏବଂ ୭ଟି ସାମୂହିକ ସମସ୍ୟା ରହିଥିଲା। ରାସ୍ତା ମରାମତି, ବିଦ୍ୟୁତ୍ ସମସ୍ୟା, ୦.୦୪ ଜମିର ପଟ୍ଟା, ରାଶନ କାର୍ଡ, ନୂତନ ଅଙ୍ଗନୱାଡ଼ି ନେଇ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ଶୁଣିବା ପରେ ସେଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ସାହୁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରୀକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃଦେଶୀୟ ହକି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଦାବିପତ୍ର

ଝାରସୁଗୁଡ଼ା,୧୨।୮ (ସଞ୍ଜୟ ମାଲି)

ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଝାରସୁଗୁଡା ଗସ୍ତରେ ଆସିଥିବା ବେଳେ ହକି ଓଡ଼ିଶାର ଉପ-ସଭାପତି ଜୀବନ ମହାନ୍ତି ଓ ଝାରସୁଗୁଡ଼ା ଜିଲା ହକି ଆସୋସିଏଶନର ସଭ୍ୟ ଅଶିନୀ କୁମାର ପାଣ୍ଡେ ରାଜସ୍ୱ ମନ୍ତ୍ରୀଙ୍କୁ ସ୍ଥାନୀୟ ଏକ ହୋଟେଲଠାରେ ସାକ୍ଷାତ୍ କରି ହକି ଷ୍ଟାଡିୟମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଝାରସୁଗୁଡା ବୁଦ୍ଧିଜୀବୀ ତଥା ଆଇନଜୀବୀ ନରେଶ କୁମାର ନାୟକ, ଅଭିଷେକ ଲାଠ, ସତ୍ୟନାରାୟଣ ରାଓ, ଅନନ୍ତ କୁମାର ଶର୍ମା, ରଘୁନନ୍ଦନ ପଣ୍ଡା, ନଭଲ ଅଗ୍ରୱାଲ, ମହେନ୍ଦ୍ର କେଡିଆ, ମଙ୍ଗଳ ସାହୁ, ବିକାଶ ଅଗ୍ରୱାଲ, ରାଜା ବୈଦ୍ୟ, ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଝାରସୁଗୁଡା ଜିଲାରେ ହକିର ଗୁରୁତ୍ୱକୁ ଦେଖି ଏଠାରେ ଆନ୍ତଃଦେଶୀୟ ହକି ଇନଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଝାରସୁଗୁଡା ଜିଲାରେ ଗମନାଗମନ ପାଇଁ ରେଲୱେ ପଥ ଓ ଆକାଶ ପଥର ସମସ୍ତ ସୁବିଧା ସହିତ ଆନ୍ତଦେଶୀୟ ଖେଳାଳିମାନଙ୍କ ରହିବା ପାଇଁ ହୋଟେଲର ସୁବିଧା ରହିଛି। ମନ୍ତ୍ରୀ ଏହି ବିଷୟରେ ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରକାଶ କରିଥିଲେ।






# ବାଇକ୍ ଚୋରଙ୍କୁ ପୋଲିସ ଜିମା ଦେଲେ ଲୋକେ

ଦେବଗଡ଼,୧୨।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅନତି ଦୂର ଜନଗହଳିପୂର୍ଣ୍ଣ ବାରକୋଟ ହାଟପଦା ଅଞ୍ଚଳରୁ ରବିବାର ଅପରାହ୍ନରେ ବାଇକ ଚୋରଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ସ୍ଥାନୀୟ ଲୋକେ ପୋଲିସର ଜିମା ଦେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ବାରକୋଟ ହାଟପଦା ବାସିନ୍ଦା ଦୀପକ କୁମାର ଦାସ ଅପରାହ୍ନ ପ୍ରାୟ ୩ଟାରେ ବଜାରରୁ ସଉଦା କରି ବାଇକ୍‌ରେ ଫେରିଥିଲେ। ସେ ବାଇକ୍ ଘର ବାଟରେ ଛାଡି (ଚାବି ଲାଗିଥିବା ଅବସ୍ଥାରେ)ସଉଦା ରଖିବାକୁ ଘରେ ପଶିଥିଲେ। କିଛି ମିନିଟ ପରେ ଦୀପକ ବାଇକ୍ ପାଖକୁ ଆସି ଦେଖିବା ବେଳେ ଚାବି ନ ଥିବା ଦେଖିବାକୁ ପାଇଥିଲେ। ତେବେ ସେ ଅନ୍ୟମନସ୍କ ହୋଇ ବାଇକ ଚାବି କେଉଁଠାରେ ଛାଡି ଦେଇଥିବେ ଭାବି ଏହାକୁ ହାଲୁକା ଭାବେ ଗ୍ରହଣ କରି ଅନତି ଦୂରରେ ଥିବା ଏକ ଷ୍ଟୁଡିଓ ବାରଣ୍ଡାରେ ବସି ଗପସପ କରୁଥିଲେ। ଏହି ସମୟରେ ଜଣେ ଯୁବକ ବାଇକ ନେଇ ଉକ୍ତ ରାସ୍ତା ଦେଇ ଦ୍ରୁତଗତିରେ ବାହାଡାପୋଶି ଆଡକୁ ଯାଉଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଜଣେ ଯୁବକଙ୍କ ସହିତ ଅନ୍ୟ ଏକ ବାଇକରେ ତାଙ୍କୁ ପିଛା କରିଥିଲେ। ତାଙ୍କୁ ବାରକୋଟ ଓଭର ବ୍ରିଜ ନିକଟରେ ଅଟାଇ ବାଇକ ସହ ତାଙ୍କୁ ଧରି ବ୍ଲକ ଛକକୁ ଆଣିଥିଲେ। ଯୁବକ ଜଣକ ନିଜକୁ ସୁନ୍ଦରଗଡ ଜିଲା କସଡା ଗ୍ରାମର ବୋଲି ପରିଚୟ ଦେବା ସହ ବାଇକ ଚୋରି କରି ନେଉଥିବା ସ୍ୱୀକାର କରିଥିଲେ। ଫଳରେ ଉପସ୍ଥିତ ଲୋକେ ତାଙ୍କୁ ଉତ୍ତମ ମଧ୍ୟମ ଦେବା ସହ ଜରିମାଳ ପିନ୍ଧାଇ ବାରକୋଟ ପୋଲିସକୁ ହସ୍ତାନ୍ତର କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଏ ନେଇ କୌଣସି ମାମଲା ରୁଜୁ କରି ନ ଥିବା ଜଣାପଡିଛି। ଏପରିକି ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଥିଲେ ହେଁ ତା'ର ନାମ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛି। ଫଳରେ ପୋଲିସର ମନୋଭାବ ଓ ଭୂମିକା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ, କାର୍ଯ୍ୟାନୁଷ୍ଠାନ ଦାବି



## ଜିଲା ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ଦେବଗଡ଼,୧୨।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦେବଗଡ ଜିଲା ହିନ୍ଦୁ ସୁରକ୍ଷା ମଞ୍ଚର ବହୁ ସଦସ୍ୟ ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମଞ୍ଚର ପ୍ରଫୁଲ୍ଲ କୁମାର ନାୟକ, ପ୍ରମଥେଶ ଗୁରୁ, ପ୍ରଭାସ ଚନ୍ଦ୍ର ମିଶ୍ର, ଆଲୋକ କୁମାର ମିଶ୍ରଙ୍କ ସମେତ ବହୁ ସଦସ୍ୟ ଉପରୋକ୍ତ ପ୍ରସଙ୍ଗରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାଇକ ଶୋଭାଯାତ୍ରାରେ ଜିଲା ପୋଲିସ ମୁଖ୍ୟାଳୟକୁ ଆସି ଆରକ୍ଷୀ ଅଧୀକ୍ଷିକାଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଜିଲା ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଥିଲା। ଦେବଗଡ ଭଳି ଏକ ଶାନ୍ତିପ୍ରିୟ ଜିଲାରେ ବର୍ଷବର୍ଷ ଧରି ବାଂଲାଦେଶୀ ଅନୁପ୍ରବେଶକାରୀ ଅନଧିକାର ଓ ବେଆଇନ ଭାବେ ବସବାସ କରି ଆସୁଥିବା ବେଳେ ବିଭିନ୍ନ ଅପରାଧିକ କାମରେ ସାମିଲ ହେଉଛନ୍ତି। ଫଳରେ ହିନ୍ଦୁ ସମାଜର ଲୋକ ବିପଦରେ ରହୁଥିବା ଅଭିଯୋଗ କରି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଅରୁଣ କୁମାର ସାହୁ, ସନ୍ତୋଷ କୁମାର ଭୁତିଆ, ସଚ୍ଚିକାନ୍ତ ଦାଶ, ପବିତ୍ର କୁମାର ପୂଜାରୀ, ଅଜୟ କୁମାର ମିଶ୍ର, ତ୍ରିବିକ୍ରମ ଶତପଥି, ଅନନ୍ତ ଦାଶ, ଉଦୀପ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ଭୁକ୍ତା, ତରଣୀକାନ୍ତ ଦାଶ, ଆଲୋକ କୁମାର ପାତ୍ର, ଅଜୟ କୁମାର ଟାଲି ଓ ରାଘବ ମହାରଣାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।




# ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ଦାବି କଲା ବ୍ରାହ୍ମଣ ସମାଜ

ଭବାନୀପାଟଣା,୧୨।୮ (ଉତ୍ତମ କୁମାର ଦାଶ)



ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଇସ୍ତଫା ପରେ ମୌଳବାଦୀ ମୁସଲମାନମାନେ ବାଂଲାଦେଶରେ ବସବାସ କରୁଥିବା ନିରୀହ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର, ହତ୍ୟା, ମଳାତ୍କାର, ଲୁଟ ସାଙ୍ଗକୁ ହିନ୍ଦୁ ମଠ ମନ୍ଦିର ଭାଙ୍ଗିଦେଉଛନ୍ତି। କଳାହାଣ୍ଡି ବ୍ରାହ୍ମଣ ସମାଜ ଏହି ବର୍ବର କାଣ୍ଡକୁ ଦୃଢ଼ ନିନ୍ଦା କରିବା ସହ ବାଂଲାଦେଶରେ ହିନ୍ଦୁଙ୍କ ଧନ ଜୀବନ ଓ ହିନ୍ଦୁ ମଠ ମନ୍ଦିରର ସୁରକ୍ଷା ଦାବି କରିଛି।

ସୋମବାର ବ୍ରାହ୍ମଣ ସମାଜର ଜିଲା ସଭାପତି ଜଗନ୍ନାଥ ମୁଣ୍ଡଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଉମେଶ ପଣ୍ଡା, ଉପସଭାପତି ବିନୋଦ ଶର୍ମା, ପ୍ରଜ୍ଞା ବାହିନୀର ଜିଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀଙ୍କ ସମେତ ସଦସ୍ୟ ସଦସ୍ୟା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଂଲାଦେଶରେ ବସବାସ କରୁଥିବା ଦେଢ଼ କୋଟି ହିନ୍ଦୁଙ୍କ ଧନଜୀବନ ସୁରକ୍ଷା ସହ ହିନ୍ଦୁ ମଠ ଓ ମନ୍ଦିରର ସୁରକ୍ଷା ନିମନ୍ତେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସହକାରୀ ଜିଲାପାଳ ମମତା ଦାଶ ଏହି

**ବିକ୍ଷୋଭ ପ୍ରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଦାବିପତ୍ର ଗ୍ରହଣ କରି ପ୍ରଧାନମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ପ୍ରେରଣ କରାଯିବ ବୋଲି କହିଛନ୍ତି। ଭାରତ ସରକାର ତୁରନ୍ତ ପଦକ୍ଷେପ ନନେଲେ ବ୍ରାହ୍ମଣ ସମାଜ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ବ୍ରାହ୍ମଣ ସମାଜ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣ ସମାଜର ସଦସ୍ୟ ମଳୟ ମୁଣ୍ଡ, କୃଷ୍ଣ ମୋହନ ଯୋଷୀ, ଆଦିତ୍ୟ ମିଶ୍ର, ବାଞ୍ଛାନିଧି ମିଶ୍ର, ଜନ୍ମେଜୟ ମହାପାତ୍ର, ସନ୍ତୋଷ ଦାଶ, ଶଶାଙ୍କ ଦାଶ, ଅଜୟ ପଣ୍ଡା, ଜୟଶ୍ରୀ ଦାଶ, ସମୀତା ମହାପାତ୍ର, ସସ୍ମିତା ରଥ ପ୍ରମୁଖ ସାମିଲ ହୋଇଥିଲେ।

## କେନାଲରୁ ମୃତଦେହ ଜବତ

**ରିଷିଡା,୧୨।୮(ସୁଶାନ୍ତ ମଲ୍ଲିକ):** ଉତେଇ ଜଳସେଚନ ପ୍ରକଳ୍ପ ଅଧୀନ ଉତେଇ କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ କର୍ଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମର ଗଣପତି ଭୋଇ ବୋଲି ଚିହ୍ନଟ ହୋଇଛି। କର୍ଲାମୁଣ୍ଡା ବ୍ଲକର ରିଷିଡ଼ା କଲେଜ ଛକ ନିକଟ କେନାଲରେ ଭାସୁଥିବା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମ ରାମପୁର ଥାନା ଏସ୍ଆଇ ଶିରାଜ କୁମାର ପାଢ଼ୀ, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମ ରାମପୁର ପଠାଇଛନ୍ତି। ଗଣପତି ମାଛ ମାରିବାକୁ ଯାଇ କେନାଲରେ ବୁଡି ପ୍ରାଣ ହରାଇଥିବା କୁହାଯାଉଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ଜାମଖୁଣ୍ଟା

**ଖଡ଼ିଆଳ,୧୨।୮ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଚାଲିଥିବା ୧୫ତମ ରାଜା ସ୍ୱର୍ଗତ ଅନୁପ ସିଂ ଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ପଲସାପଡାକୁ ୩-୨ ଗୋଲରେ ହରାଇ ଜାମଖୁଣ୍ଟା ଦଳ ଫାଇନାଲରେ ପ୍ରବେଶ କରିଛି। ବଲାଙ୍ଗୀର ଜିଲାର ଜାମଖୁଣ୍ଟା ଓ ନୂଆପଡା ଜିଲା ସିନାପାଲି ବ୍ଲକ ପଲସାପଡ଼ା ମଧ୍ୟରେ ମ୍ୟାଚ ହୋଇଥିଲା। ଜାମଖୁଣ୍ଟା ଦଳ ମଙ୍ଗଳବାର ଖଡ଼ିଆଳ ଓ ଯୋରାବନ୍ଦ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲର ବିଜେତା ଦଳକୁ ଅଗଷ୍ଟ ୧୫ରେ ଫାଇନାଲରେ ଭେଟିବ। ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ଏନ୍ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ଓ ସମ୍ମାନିତ ଅତିଥି ଭାବରେ କାଉନସିଲର ସୁନୀଲ କୁମାର ସାହୁ ଓ ସୁବେର ସିଂଦେଓ ଯୋଗ ଦେଇଥିଲେ।



@ ବଳରାମ



@ ଚୈତନ୍ୟ



@ କଲ୍ଲେସ୍

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ସଂକ୍ଷେପରେ**

## ଦାୟିତ୍ୱ ନେଲେ ନୂଆ ଜିଲାପାଳ

**ଭବାନୀପାଟଣା,୧୨।୮ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାର ନୂତନ ଜିଲାପାଳ ଭାବେ ସୋମବାର ଦାୟିତ୍ୱ ନେଇଛନ୍ତି ଆଇଏଏସ୍ ସଚିନ ପାୱାର।



ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମାଲକାନଗିରିର ଜିଲାପାଳ ଥିଲେ। କଳାହାଣ୍ଡି ଜିଲାପାଳ ଥିବା ପି ଅନ୍ୱେଷା ରେଡ୍ଡୀଙ୍କ ଯାଜପୁର ଜିଲାକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ନୂତନ ଜିଲାପାଳ ଭାବେ ସଚିନ ଯୋଗଦେଇଛନ୍ତି।

## ଆନ୍ତର୍ଜାତିକ ଯୁବ ଦିବସ ପାଳିତ

ବେହେରା,୧୨।୮(ଭୂପେଶ ତିୱାରୀ)

ଧର୍ମଗଡ଼ ବ୍ଲକ୍ ବେହେରାସ୍ଥିତ ଭାରତୀୟ ବିଦ୍ୟା ଶ୍ରୀନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆନ୍ତର୍ଜାତିକ ଯୁବଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୁରେନ୍ଦ୍ର ନାଏକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୁବକବି ରଜତ ବଂଶଲ ଯୋଗଦେଇ ନିଶା ନିବାରଣ ବାର୍ତ୍ତାକୁ କବିତା ମାଧ୍ୟମରେ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଭକ୍ତ ଚରଣ ଭୋଇ ଯୁବ ସମାଜ କିପରି ନିଶା ସେବନରୁ ମୁକ୍ତହୋଇ ଅନ୍ୟକୁ ସଚେତନ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଜୀବବିଜ୍ଞାନ ଅଧ୍ୟାପକ ଭାଗ୍ୟବାନ ଦାସ ଓ ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଶାନ୍ତନୁ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଭୁଜବଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଦେବରାଜ ସତ୍‌ନାମୀ, ରିଙ୍କୁ ଖମାରୀ, ବସନ୍ତ ରଣା, ଦେବେନ୍ଦ୍ର ରଣା, ଅଧ୍ୟାପିକା ସୁମନ ସିନ୍ଦୂର ପ୍ରମୁଖ ସହଯୋଗ କରିଥିଲେ।




ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଆଦର୍ଶ ବିଦ୍ୟାଳୟରେ ଛାତ୍ରୀ ନିବାସ ଉଦ୍‌ଘାଟିତ

**କର୍ଲାମୁଣ୍ଡା,୧୨।୮(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରୀ ନିବାସ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଅଧ୍ୟକ୍ଷ ପ୍ରଜ୍ଞାଦୀପ୍ତ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ବିଡ଼ିଓ ମଣ୍ଟୁ ଖମାରୀ ମୁଖ୍ୟ ଅତିଥି ଓ ରେଗଡା ପଞ୍ଚାୟତ ସରପଞ୍ଚ ଦୀପ୍ତି ରାଣୀ ସାହୁ ସମ୍ମାନିତ ଅତିଥି ଥିଲେ। ଏହି ଛାତ୍ରୀ ନିବାସରେ ଅଷ୍ଟମରୁ ଦାଦଶ ଶ୍ରେଣୀ ପଢୁଥିବା ୪୮ ଛାତ୍ରୀ ରହୁଥିବା ବେଳେ କିଛିଦିନ ପରେ ଷଷ୍ଠ, ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ରହିବା ବ୍ୟବସ୍ଥା କରାଯିବ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଦାବି

**କୋମନା,୧୨।୮(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ୍ କୁରେଶ୍ୱର ପ୍ରାଥମିକ ବିଦ୍ୟାଳୟ ପଛପଟେ ଥିବା ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ପଛପଟେ ତାରବାଡ଼ ରହିଥିଲେ ମଧ୍ୟ ବିଲବାଡ଼ିକୁ ଯିବା ପାଇଁ ଲୋକେ ଏହାକୁ ଖୋଲିଦେଇଥାନ୍ତି। ତେଣୁ ଛାତ୍ରୀଛାତ୍ର, ସାଧାରଣ ଲୋକ, ଗୋରୁଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ସ୍କୁଲ ଘରୋଇ ଜମିରେ ଥିବାରୁ ଲୋକଙ୍କୁ ଯିବାଆସିବା ପାଇଁ ମନା କରିପାରୁ ନ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଦଣ୍ଡସେନା କହିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ଦେବା ପାଇଁ ଦାବି ହେଉଛି।

## ଅନ୍ତର୍ଜାତୀୟ ଶିକ୍ଷା ଇନୋଭେଶନ ଶିବିରରେ କଳାହାଣ୍ଡିର ମିଳନ ବିଶି

ଭବାନୀପାଟଣା, ୧୨।୮ (ଉତ୍ତମ କୁମାର ଦାଶ)

ଥାଇଲାଣ୍ଡର ବ୍ୟାଙ୍କକ୍‌ସ୍ଥିତ ଏସିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରେ ଗତ ଜୁଲାଇ ୩୦ରୁ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ବିଜ୍‌ନେସ ଓ ମ୍ୟାନେଜମେଣ୍ଟ ଉପରେ ଇଣ୍ଟରନ୍ୟାଶନାଲ ଏଜୁକେଶନ ଇନୋଭେଶନ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତରୁ ୬୫ ଜଣ ଏମ୍‌ବିଏ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶିବିରରେ ବିଜ୍‌ନେସ ଓ ଏଆଇ, ମାର୍କେଟିଂ, ଆମଦାନୀ ଓ ରପ୍ତାନୀ, ବିଜ୍‌ନେସ ଇନୋଭେଶନ, ଉଦ୍ୟୋଗ ଓ କାରିଗରୀ କୌଶଳ ସମେତ ବ୍ୟବସାୟିକ ବିଭିନ୍ନ ଦିଗ ଉପରେ ତାଲିମ ଦିଆଯାଇଥିଲା। ଏହି ଟିମରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରିଗୁଡା ଗ୍ରାମର ମିଳନ କୁମାର ବିଶି ସାମିଲ ହୋଇଥିଲେ। ବର୍ତ୍ତମାନ ସେ ବେଙ୍ଗାଲୁରୁସ୍ଥିତ ନିଟି ବିଶ୍ୱବିଦ୍ୟାଳୟର ଏମ୍‌ବିଏ ମ୍ୟାନେଜମେଣ୍ଟ ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ମିଳନ ବରିଷ୍ଠ ଖବରଦାତା ଦେବେନ୍ଦ୍ର କୁମାର ବିଶି ଓ ବନଶ୍ରୀ ବିଶିଙ୍କ ପୁଅ ଅଟନ୍ତି। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ମିଳନଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି।



ତାଲିମ ଶିବିରରେ ଯୋଗଦେଇ ମାନପତ୍ର ଗ୍ରହଣ କରୁଛନ୍ତି ମିଳନ।

## ଶିବିରରେ ୭୩ ଅଭିଯୋଗପତ୍ର ଦାଖଲ

**କେସିଙ୍ଗା,୧୨।୮(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଓ ଜିଲା ପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ, ଭାରପ୍ରାପ୍ତ ଉପଜିଲାପାଳ, ଭବାନୀପାଟଣା ଜୟଦେବ ଦାସଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୭୩ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିରୁ ୫୬ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା।

## ଧର୍ମଗଡ଼ ଏନ୍ଏସିରେ ମଳ ଉପଚାର କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

ବେହେରା,୧୨।୮(ଭୂପେଶ ତିୱାରୀ)

ଧର୍ମଗଡ଼ ଏନ୍ଏସିରେ ନିର୍ମିତ ମଳ ଉପଚାର କେନ୍ଦ୍ରକୁ ସୋମବାର ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକାର୍ପିତ କରିଛନ୍ତି। ୨କୋଟି ୮୬ ଲକ୍ଷ ବ୍ୟୟରେ ଉକ୍ତ କେନ୍ଦ୍ର ନିର୍ମିତ ହୋଇଛି। ଦୈନିକ ୧୦ କିଲୋଲିଟର କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟରେ ସଂଗୃହୀତ ମଳକୁ ତୁରନ୍ତ କମ୍ପୋଷ୍ଟରେ ପରିବର୍ତ୍ତନ କରିବା ପାଇଁ ସ୍ୱତନ୍ତ୍ର ମେଶିନ ସ୍ଥାପନ କରାଯାଇଛି। ଏହା ଦ୍ୱାରା ପରିବେଶ ପରିଷ୍କାର ରହିବା ସହ ପୌରାଞ୍ଚଳର ଚାଷ ଜମିରେ ଏହାକୁ ପ୍ରୟୋଗ କରାଯାଇ ଅଧିକ ଉତ୍ପାଦନକ୍ଷମ କରାଯାଇ ପାରିବ। ଏହି ଅବସରରେ ବିଧାୟକ ପଟ୍ଟଯୋଷୀ ଉକ୍ତ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କରିଥଲେ। କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷା ମନିଷା ମିଶ୍ର, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ବୈଷୟିକ ସହାୟତା ବିଭାଗ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରଜ୍ଞା ନାୟକ, କନିଷ୍ଠ ଯନ୍ତ୍ରୀ ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ସ୍ୱଚ୍ଛତା ଅଭିଯାନ



**ଖଡ଼ିଆଳ,୧୨।୮ (ସୁଜିତ କୁମାର ପ୍ରଧାନ):** ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି (ଭାଜପା) ନୂଆପଡ଼ା ଜିଲା ଖଡ଼ିଆଳ ଇନ୍ଦ୍ରାଦି ମଣ୍ଡଳ ପକ୍ଷରୁ ଖଡ଼ିଆଳ ଉପକାରାଗାର ପରିସରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଗୋପବନ୍ଧୁ ବନ୍ଦିଛୋର୍ ସଂଯୋଜନା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ଜିଲା ସଭାପତି ସୁବ୍ରତ କୁମାର ଠାକୁର ଯୋଗଦେଇଥିଲେ। ଜିଲା ଉପସଭାପତି ମୋହନ ଭୋଇ, ଜିଲା ଓବିସି ମୋର୍ଚ୍ଚା ସଭାପତି ଅଜିତ କିଶୋର ଚଲାନ, ବରିଷ୍ଠ ନେତା ରାତ୍ରାନନ୍ଦ ମନହୀରା, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପୁରୁଷମ ମଶ୍ରା, ଶକ୍ତିକେନ୍ଦ୍ର ପ୍ରମୁଖ ଖିତି ରାମ ବେହେରା, ଲବ ରଣା, ଲିଲୁ ବେହେରା, ଲକ୍ଷ୍ମୀ ନାୟକ ପ୍ରମୁଖ ଯୋଗଦେଇ କାରାଗାର ପରିସର ସଫେଇ କରିଥିଲେ। ପରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ, ସାବୁନ, ପାନିଆ ଇତ୍ୟାଦି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜେଲର ବଳରାମ ବିଶି ମାଝିଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଏଆଇଏସ୍ଏଫ୍‌ର ପ୍ରତିଷ୍ଠା ଦିବସ

ଜୁନାଗଡ଼,୧୨।୮ (ଅଂଶୁମାନ ଯୋଶୀ)

ଅଖିଳ ଭାରତୀୟ ଛାତ୍ର ସଂଘ (ଏଆଇଏସ୍ଏଫ୍)ର ୮୯ ତମ ପ୍ରତିଷ୍ଠା ଦିବସ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କର୍ଲାକୋଟସ୍ଥିତ ସୁଧାଂଶୁ ଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ସମଗ୍ର ଦେଶରେ ଛାତ୍ରମାନଙ୍କୁ ଏକତ୍ରିତ କରି ଆନ୍ଦୋଳନ ଜରିଆରେ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଛାତ୍ରସଂଘ ଆହ୍ୱାନ ଦେଇଛି। ଏହାର ସମାଧାନ ପାଇଁ ସମସ୍ତ ଛାତ୍ରୀଛାତ୍ର ଏଆଇଏସ୍ଏଫ୍‌ରେ ସାମିଲ ହୋଇ ସ୍ୱର ଉଠାଇବେ ବୋଲି ଜିଲା ସଭାପତି ରାଜାରାମ ଡଙ୍ଗରି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଲିଙ୍କନ କୁମାର ବାଗ, ସମ୍ପାଦକ ରୁପେଶ ନାୟକ, ସହସମ୍ପାଦକ ଦୋଲେଶ୍ୱର ଖମାରି, କାଉନସିଲ ମେମ୍ବର ନରେନ୍ଦ୍ର କୁମାର ନାୟକ ଓ ରାଜ ମେଲୋଫାଇଲ, ଅଧ୍ୟାପକ ବିକାଶ ଖମାରି, ଦୁଷ୍ମନ୍ତ ରଣାଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଶିବିରରେ ୬୧ ଅଭିଯୋଗ ପଞ୍ଜୀକୃତ

କର୍ଲାମୁଣ୍ଡା,୧୨।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ମଣ୍ଟୁ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ରାଜେଶ୍ୱରୀ ସେନାପତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ମହଲା, ବିଏସ୍ଏସ୍ଓ ସସ୍ମିତା ପଟେଲ, ଯୋଗାଣ ଅଧିକାରୀ ସାନ୍ତାକର ପ୍ରଧାନ, ଏପିଓ ଲିଜା ବରିହା, ଆକାଉଣ୍ଟାଣ୍ଟ କମ ଡିଇଓ ଗୁଣ ନିଧି କୁମାରଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ଗ୍ରାମୀଣ ଆବାସ ପାଇଁ ୫୩, ରାଶନ କାର୍ଡ ପାଇଁ ୪, ଭତ୍ତା ପାଇଁ ୩ ଓ ଅନ୍ୟାନ୍ୟ ବିଭାଗର ଗୋଟିଏକୁ ମିଶାଇ ମୋଟ ୬୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା।



ଜନଶୁଣାଣି ଶିବିରରେ ଲୋକେ ବିଡିଓଙ୍କୁ ଦରଖାସ୍ତ ଦେଉଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା,୧୨।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗଦେଇଥିବା ଜିଲାପାଳ ମଧୁସୂଦନ ଦାସ, ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, କୋମନା ବିଡିଓ ହିତାଂଶୁ ଶେଖର ସାମଲ, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପାନୀୟ ଜଳ, ରାସ୍ତା, ବିଜୁଳି, ଆବାସ ଗୃହ, ଏମ୍‌ଜିଏନ୍‌ଆରଇଜିଏସ୍, ବାର୍ଦ୍ଧକ୍ୟ ଭତ୍ତା ଭଳି ମୋଟ ୮୫ ଅଭିଯୋଗ ଆସିଥିଲା। କିଛି ସମସ୍ୟା ସମାଧାନ ହୋଇଥିବା ବେଳେ ଅବଶିଷ୍ଟ ଶୀଘ୍ର ସମାଧାନ ପାଇଁ ଜିଲାପାଳ ଦାସ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଜିଲାପାଳ କୋମନା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା କରି ଶ୍ରମିକଙ୍କ ପାଉଣା ଠିକ୍ ସମୟରେ ପୈଠ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଠାରୁ ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଅନ୍ତଃ ବିଭାଗ ରୋଗୀଙ୍କ ସମସ୍ୟା ବୁଝିଥିଲେ।




ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି ଅଧିକାରୀ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏସ୍ଏଚ୍ଜି ମହିଳା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଚାଷୀ ପଞ୍ଜୀକରଣରେ ଏସ୍ଏଚ୍ଜି ମନା

■ ବଢ଼ିଲା ଅସନ୍ତୋଷ, ତାତିଲେ ମହିଳା

■ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ବରଗଡ଼,୧୨।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ୨୦୨୪-୨୫ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ହେଲେ ଜିଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍ଜି) ଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ଏହାକୁ ନେଇ ଏସ୍ଏଚ୍ଜି ସଭ୍ୟାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ବିଭିନ୍ନ ଏସ୍ଏଚ୍ଜିର ଶତାଧିକ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ଦେବା ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ଜିଲାର ୫୪ ଏସ୍ଏଚ୍ଜି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଆସୁଥିଲେ। ଚାଷୀ ପଞ୍ଜୀକରଣଠାରୁ ଆରମ୍ଭ କରି ଚାଷୀଙ୍କଠାରୁ ଧାନ କିଣାବିକା ମଧ୍ୟ କରୁଥିଲେ। ଏହାଦ୍ୱାରା ଚାଷୀ ଉପକୃତ ହେଉଥିଲେ। ଧାନ ସଂଗ୍ରହ କାର୍ଯ୍ୟ ବାବଦକୁ ନିର୍ଦ୍ଧାରିତ ଟଙ୍କା ପାଇଁ ଏସ୍ଏଚ୍ଜି ଗୁଡ଼ିକ ସେଥିରୁ ବାଦ୍ ଦିଆଯାଇଛି। ତେବେ ଏସ୍ଏଚ୍ଜିଗୁଡ଼ିକୁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ପାଇଁ ପ୍ରଥମେ ଚିଠି କରାଯାଇ ପ୍ରଶିକ୍ଷଣ ଦିଆଯିବା ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ ସେଥିରୁ ସମ୍ପୂର୍ଣ୍ଣ ବାଦ୍ ଦେବାକୁ ନେଇ ଅସନ୍ତୋଷ ବଢ଼ିଛି। ସୂଚନା ଅନୁଯାୟୀ, ଜିଲା ପ୍ରଶାସନର ଚିଠିସଂଖ୍ୟା-୯୪୯୯ ତା-୧୦।୭।୨୦୨୪ରିଖ ଅନୁସାରେ ଏସ୍ଏଚ୍ଜିର ସଭାପତି, ସମ୍ପାଦିକା, ଡିଇଓ (ଡାଟା ଏଣ୍ଟ୍ରି ଅପରେଟର)ଙ୍କୁ ପ୍ରଶିକ୍ଷଣ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଡକାଯାଇଥିଲା। ସେମାନେ ସେଠାକୁ ଯାଇ ପ୍ରଶିକ୍ଷଣ ମଧ୍ୟ ନେଇଥିଲେ। ଏପରିକି ଚାଷୀ ପଞ୍ଜୀକରଣ ପାଇଁ ଉର୍ଦ୍ଧିଷ୍ଟ ଫର୍ମ ମଧ୍ୟ ବଣ୍ଟନ କରିଥିଲେ। ସେହିପରି ପ୍ରଶାସନର ଅନ୍ୟ ଏକ ଚିଠି ନଂ. ୧୦୦୪୭, ତା-୧୨।୭।୨୦୨୪ରେ ଜିଲାର ୫୪ ଏସ୍ଏଚ୍ଜିକୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବାକୁ ଚିଠି ହୋଇ ସବ୍ଡିଭିଜନାଲ ଲେଭଲ୍ ସିଲେକ୍ସନ କମିଟିକୁ ଗତ ମାସ ୨୫ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଗତମାସ ୧୬ତାରିଖରେ ଆଉ ଏକ ପତ୍ର ସଂଖ୍ୟା-୨୩୭୯ରେ ଜିଲାର ୫୮ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)କୁ ଚାଷୀ ପଞ୍ଜୀକରଣ କରିବା ପାଇଁ ଚିଠି କରାଯାଇଥିଲା।

ତେବେ ସେଥିରୁ ବାଦ୍ ପଡିଥିବା ଜାଣିବା ପରେ ଏସ୍ଏଚ୍ଜିର କର୍ମକର୍ତ୍ତା ଗତ ମାସ ୧୮ତାରିଖରେ ଜିଲାପାଳଙ୍କୁ ଭେଟିଥିଲେ। ସେତେବେଳେ ଜିଲାପାଳ ଯୋଗ୍ୟ ଏସ୍ଏଚ୍ଜିଗୁଡ଼ିକୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ। କେବଳ ବରଗଡ଼ ନୁହେଁ, ସାରା ରାଜ୍ୟରେ ସେଭଳି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ କହିଥିବା ଏସ୍ଏଚ୍ଜି ମହିଳାମାନେ ପ୍ରକାଶ କରିଛନ୍ତି। କିନ୍ତୁ ବରଗଡ଼ ସମେତ ଅଳ୍ପ କେତୋଟି ଜିଲାକୁ ଛାଡ଼ିଦେଲେ ଅଧିକାଂଶ ଜିଲାରେ ମହିଳା ଏସ୍ଏଚ୍ଜି ଚାଷୀ ପଞ୍ଜୀକରଣ କାର୍ଯ୍ୟ କରୁଥିବା ସେମାନେ କହିଛନ୍ତି। ବରଗଡ଼ ଜିଲାର ଏସ୍ଏଚ୍ଜିକୁ କାହିଁକି ଏହି କ୍ଷେତ୍ରରେ ଉପେକ୍ଷା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଉ, ନଚେତ୍ ସେମାନେ ହାଇକୋର୍ଟରେ ଦ୍ୱାରସ୍ଥ ହେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିରେ ଜିଲାର ପ୍ରତ୍ୟେକ ବ୍ଲକର ଏସ୍ଏଚ୍ଜି ମହିଳାମାନେ ସାମିଲ ହୋଇଥିଲେ।

## ସହାୟତା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ପରିବା ଚାଷୀ

ବାଉଁଶୁଣୀ,୧୨।୮(ଦେବାଶିଷ ନେପାକ)

ସୋମବାର ପୂର୍ବାହ୍ନରେ ବୌଦ୍ଧ ବ୍ଲକ ଗୁନ୍ଦୁଲିଆ ଗ୍ରାମ ପଞ୍ଚାୟତ ଟିଁଚିପଡା ଗ୍ରାମର ଜଣେ ମହିଳା ପରିବା ଚାଷୀ ଗତ ଲଗାଣ ବର୍ଷାରେ ଚାଷ ଉଜୁଡି ଯାଇଥିବାରୁ ସହାୟତା ଆଶାରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଟିଁଚିପଡା ଗ୍ରାମର ସଂଯୁକ୍ତା ସେନାପତି ଦେଢ ଏକର ଜମିରେ ବାଇଗଣ ଚାଷ କରିଥିଲେ। ଲଗାଣ ବର୍ଷାରେ ବାଇଗଣ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ସେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ଲିଖିତ ନିବେଦନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

ବିନିକା, ୧୨।୮( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କମ୍ୟୁନିଟି ସେଣ୍ଟରରେ ସ୍ୱାଧୀନତା ଦିବସ ପାଳନ ପାଇଁ ସୋମବାର ଏନଏସି ଅଧକ୍ଷ ସୁବାଷ ଚନ୍ଦ୍ର ଭୁଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ସୀତାରାମ ଭୋଇ, ଏକଜିକ୍ୟୁଟିଭ ଅଫିସର ସତ୍ୟନାରାୟଣ ପଧାନ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଏ କୁମାର ମୂର୍ତ୍ତି, ସବ ଇନ୍ସପେକ୍ଟର ଅନିଲ ବେହେରା, ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଧରେନ୍ଦ୍ର କୁମାର ନାୟକ, ଭାଜପା ପ୍ରଭାରୀ ବିଶ୍ୱମର ମିଶ୍ର, ନଗର ସଭାପତି ଭୁବନେଶ୍ୱର ପାତ୍ର, ଶିକ୍ଷାବିତ୍ ହିମାଂଶୁ ଶେଖର ପଣ୍ଡା, ଓକିଲ ସଂଘ ସଭାପତି ହିମାଂଶୁ ଶେଖର ଦାସ, କାଉନସିଲର, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଉମାକାନ୍ତ ସିଂ ସଭା ପରିଚାଳନା କରିଥିବାବେଳେ ଉପ ନଗରପାଳ ତପସ୍ୱିନୀ ମେହେର ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବଳରାମ



@ ଚୈତନ୍ୟ



@ କଳ୍ପେସ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ପଦ୍ମପୁରରେ ବଢୁଛି ନିଶା କାରବାର

**ପଦ୍ମପୁର,୧୨।୮(ପ୍ରଦୀପ୍ତ ଦାଶ):** ପଦ୍ମପୁର ସହରରେ ନିଶାକାରବାର ବୃଦ୍ଧି ପାଇବାରେ ଲାଗିଛି। ପଦ୍ମପୁର ପଡୋଶୀ ଛତିଶଗଡକୁ ଲାଗିରହିଥିବାରୁ ଏହି କାରବାର ଅନାୟାସରେ ହୋଇପାରୁଛି। ସହରରେ ଥିବା ପରିତ୍ୟକ୍ତ କୋଠା, ନିଛାଟିଆ ସ୍ଥାନ, ଅନ୍ଧାରୁଆ ଯାଗାରେ ଏହି ନିଶାଖୋରଙ୍କ ଆସାର ଜମୁଛି। ହୋମ ଡେଲିଭରି ମାଧ୍ୟମରେ ନିଶାଦ୍ରବ୍ୟ ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳୁଛି। ସେହିପରି ଗାଁ ଗୁଡିକରେ ବିଭିନ୍ନ ପାନଦୋକାନ, ଚା' ଦୋକାନରେ ନିଶା ଇଞ୍ଜେକ୍ସନ ପାଇଁ ସନ୍ଧ୍ୟା ହେଲେ ଭିଡ ଜମୁଛି । ସ୍ଥିତି ଏମିତି ହେଲାଣି ଯେ, ପ୍ରତିଦିନ ବାହାରୁଥିବା ଆବର୍ଜନାରେ କୁଢକୁଢ କୋରେକ୍ସ ବୋତଲ, ବ୍ୟବହୃତ ଇଞ୍ଜେକସନ ମିଳୁଛି। ପୋଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସହରବାସୀ ଦାବି କରୁଛନ୍ତି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ପାଇକମାଲ,୧୨।୮(ବଡ ଶତପଥି):** ବରଗଡ ଜିଲା ପାଇକମାଲ ବ୍ଲକ ଲୁକୁପାଲିରେ ଜମିରେ କାମ କରୁଥିବା ଏକ ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୀବନଲାଲ ସିଦାର(୫୨)। ପାଇକମାଲ ପୋଲିସ କେଶ ନଂ.୧୯୦/୨୪ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଛି। ସୂଚନାଯୋଗ୍ୟ, ଜୀବନଲାଲ ଜମିରେ କାମ କରୁଥିବା ସମୟରେ ଟ୍ରାକ୍ଟର ଓଲଡି ପଡିବାରୁ ସେ କାଦୁଅରେ ଚାପି ହୋଇଯାଇଥିଲେ। ସନ୍ଧ୍ୟାରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ କାଦୁଅରୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା।

### ନୃସିଂହନାଥରେ କାଉଡିଆଙ୍କ ସମାଗମ

**ପାଇକମାଲ,୧୨।୮(ବଡ ଶତପଥି):** ବରଗଡ଼ ଜିଲା ନୃସିଂହନାଥ ମନ୍ଦିର ପରିସରରେ ସୋମବାର କାଉଡିଆଙ୍କ ପ୍ରବଳ ଭିଡ଼ ଲାଗିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବା ଧାଡି ଲାଗିଥିବା ଦେଖିବାକୁ ମିଳିଥିଲା। ଭକ୍ତଙ୍କ ସମାଗମକୁ ଦେଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଶିବିରରେ ୩୫ୟୁନିଟ ରକ୍ତ ସଂଗ୍ରହ

ବରପାଲି,୧୨।୮(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ଗ୍ରିଣ୍ଡୋଲା ଗାଁରେ ସିଦ୍ଧେଶ୍ୱର ଶୈବପୀଠରେ ନିଷ୍ଠା ପରିବାର ଓ ମନ୍ଦିର ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହିଶିବିରକୁ୫୪ବର୍ଷ ବୟସରେ ପ୍ରଥମଥର ପାଇଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ସାନ ପିପିଲିପାଲି ଗ୍ରାମର ଉଗ୍ରସେନ ଭୋଇ ଶୁଭାରମ୍ଭ କରିଥିଲେ। ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଦର୍ଶନ କରିବା ସହ ସ୍ୱେଚ୍ଛାକୃତ ରକ୍ତ ଦାନ କରି ପୁଣ୍ୟ ଅର୍ଜନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ୩୫ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରକୁ ନିଷ୍ଠା ପରିବାରର ଦେବାଶିଷ ନନ୍ଦ, ଉପ ସଭାପତି କ୍ଷୀରୋଦ୍ର ସାହୁ, ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଖଗେଶ୍ୱର ସାହୁ, ଚିତ୍ର ପଧାନ, ଝସ କେତନ ସାହୁ, ବିଦ୍ୟାଧର ଭୋଇ, ଆକାଶ ପ୍ରଧାନ, ମହିଳା ଶାଖାର ମୁଖ୍ୟ ତ୍ରିପୁରା ସୁହୁଲା,ସୁତପା ଗଡତୀଆ, ରଞ୍ଜିତା ମାହାଣାଙ୍କ ସମେତ ଅନ୍ୟ ସଦସ୍ୟାସଦସ୍ୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସହଯୋଗୀ ହେବାର ସ୍ୱପ୍ନ ଦେଖ



କାର୍ଯ୍ୟକ୍ରମରେ ଜଣେ ଶିଶୁ ପୁସ୍ତକ ପଠନ କରୁଛନ୍ତି।

ବରଗଡ଼,୧୨।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ବିଶିଷ୍ଟ ଲେଖିକା ରାଧାରାଣୀ ପଟ୍ଟନାୟକଙ୍କ ଲିଖିତ ପିଲାଙ୍କ ସପନ କବିତା ସଙ୍କଳନ ଉନ୍ମୋଚିତ ହୋଇଯାଇଛି। ଯୁଗୋପଯୋଗୀ ସୁବର୍ଣ୍ଣ ଦୀପ ଓ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟକ ମନୋରଞ୍ଜନ ମେହେର ଯୋଗଦେଇ ଜୀବନରେ ପ୍ରତିଯୋଗୀ ହେବାର ସ୍ୱପନ ନ ଦେଖି ସହଯୋଗୀ ହେବାର ସ୍ୱପ୍ନ ଦେଖି ତାକୁ ସାକାର କରି ପାରିଲେ ଜୀବନ ଧନ୍ୟ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣ ଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି, ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ରେଣୁକା ଭୋଇ, ସମ୍ପାଦିକା ଛାତ୍ରୀ ଅଶ୍ଳେଷା ମହାନନ୍ଦ କବିତା ସଙ୍କଳନ ପୁସ୍ତକରୁ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ଭାରତୀ ଶିଶୁ ସାହିତ୍ୟ ସଂସଦ ତରଫରୁ ନିରବଚ୍ଛିନ୍ନ ସାରସ୍ୱତ ସାହିତ୍ୟ ସାଧନା ପାଇଁ ଲେଖିକା ରାଧାରାଣୀ ପଟ୍ଟନାୟକଙ୍କୁ କବି ଖଗେଶ୍ୱର ସାହିତ୍ୟ ସ୍ମୃତି ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାହିତ୍ୟ ସଂସଦର ଉପଦେଷ୍ଟା ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ଛାତ୍ରୀ ଶାଲିନି ସା ଧନ୍ୟବାଦ ଅର୍ପଣ କରିଥିଲେ ।



ନୃସିଂହନାଥ ମନ୍ଦିର ପରିସରରେ ସୋମବାର କାଉଡିଆଙ୍କ ପ୍ରବଳ ଭିଡ଼ ଜମିଛି।

## ଜିରା ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବରଗଡ଼,୧୨।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଦେଇ ପ୍ରବାହିତ ଜିରା ନଦୀରୁ ସୋମବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ସ୍ଥାନୀୟ ବାଲିଟିକ୍ରାର ରାଧେଶ୍ୟାମ ଭୁଏ(୨୦)। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ପାଣିରେ ବୁଡି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ରବିବାର ସେ ଜୀରାନଦୀକୁ ଗାଧୋଇବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ରବିବାର ସକାଳୁ ନଦୀରୁ ମୃତଦେହ ମିଳିବା ପରେ ପୋଲିସ ତଦନ୍ତ ଚଳାଇଛି। ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ଯାଦବ ସାଂସ୍କୃତିକ ସମାଜର କାର୍ଯ୍ୟକାରିଣୀ ବୈଠକ

ପାଇକମାଲ,୧୨।୮(ବଡ ଶତପଥି)



ବୈଠକରେ ଉପସ୍ଥିତ ସଦସ୍ୟମାନେ।

ବରଗଡ଼ ଜିଲା ନୃସିଂହନାଥ ବିନ୍ଧ୍ୟବାସିନୀ କଲ୍ୟାଣ ମଣ୍ଡପଠାରେ ପଦ୍ମପୁର ଯାଦବ ସାଂସ୍କୃତିକ ସମାଜର ଉପଖଣ୍ଡ ସଭାପତି କେଶବ ଚନ୍ଦ୍ର ଜାଲଙ୍କ ନେତୃତ୍ୱରେ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଖିଳ ଭାରତୀୟ ଯାଦବ ମହାସଭାର ୩ଟି ଯୋଜନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସଭାପତି ନିଜସ୍ୱ ମତ ରଖିଥିଲେ। ଉପଖଣ୍ଡର ପ୍ରତ୍ୟେକ ବ୍ଲକ ଏବଂ ଏନଏସିରେ ନୂତନ ପୂର୍ଣ୍ଣାଙ୍ଗ କମିଟି ସମସ୍ତଙ୍କୁ ନେଇ ଗଠନ କରିବା ସହିତ ସେବାକାର୍ଯ୍ୟ, ଶିକ୍ଷା,ସଂସ୍କାର, ଆର୍ଥିକ, ରାଜନୈତିକ ସମସ୍ତ କାର୍ଯ୍ୟକୁ ଗୁରୁତ୍ୱ ଦେବାପାଇଁ ଆଲୋଚନା କରାଯାଇଥିଲା। ପଶ୍ଚିମ ଓଡ଼ିଶାର ମୁଖ୍ୟ ପର୍ବ ଉପଖଣ୍ଡ ସ୍ତରୀୟ ନୂଆଁଖାଇ ଭେଟଘାଟ କରାଯିବା ପାଇଁ ସ୍ଥିର କରାଯାଇଛି। ସଭାରେ ଅତିଥିଭାବେ ସମ୍ପାଦକ ଓମପ୍ରକାଶ ଭୋଇ, ସହ ସମ୍ପାଦକ ବିଜୟ କାଣ୍ଡ, ସୁବାଷ ହଂସ, ଉପ ସଭାପତି ଦେବାର୍ଚନ ବାଗ, ଲକ୍ଷ୍ମଣ ଜୁଆଡି, ମହିଳା ସଭିନେତ୍ରୀ କନକ ବାଗ, ଉର୍ବଶୀ ପୋଢ, କଂଗ୍ରେସ ହଂସ, ସରତ ବାଗ, କୋଷାଧକ୍ଷ ପ୍ରକାଶ ବାଗ, କାର୍ଯ୍ୟ କାରିଣୀ କମିଟି ପରକ୍ଷିତ ବନଛୋର, ବସନ୍ତ ଥପା, ସନ୍ତୋଷ ବାଗ, ଦିବ୍ୟ କିଶୋର ହଂସ ପ୍ରମୁଖ ଯୋଗ ଦେଇଥିଲେ। ଝାରବନ୍ଧ ବ୍ଲକ ସଭାପତି ଧୃବ ଚରଣ ହାତୀ, ପାଇକମାଲ ବ୍ଲକ ସଭାପତି ଟିକେଲାଲ ମାହାର, ପଦ୍ମପୁର ବ୍ଲକ ପ୍ରତିନିଧି ନିଳାଦ୍ରୀ ମହାକୁର, ପଦ୍ମପୁର ଏନ୍ଏସି ସଭାପତି ଗଙ୍ଗାଧର ଚିରଗୁନ, ଉପ ସଭାପତି ସୁଦର୍ଶନ ଗୌଉଡ, ସମ୍ପାଦକ ଗଣପତି ବଗର୍ତ୍ତି, ଗାଇସିଲେଟ ବ୍ଲକ ସଭାପତି ସପ୍ତସିନ୍ଧୁ ବଗର୍ତ୍ତୀ, ସମ୍ପାଦକ ଛେଲିଆ ପୋଢ, ସୋହେଲା ବ୍ଲକ ବିଜୟ କାଣ୍ଡ ପ୍ରମୁଖ ଯୋଗଦେଇ ଥିଲେ। ଜିଲା ସଭାପତି ରାଜୁ ଘିବେଲା ମୁଖ୍ୟ ଅତିଥି, ଜିଲା ଆଇନ ପରାମର୍ଶ ପ୍ରମୁଖ ଅମୃତଲାଲ ବନଛୋର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଜିଲା କୋଷାଧକ୍ଷ ମହନ ବନଛୋର ଧନ୍ୟବାଦ ଦେଇଥିଲେ।

## ସାର ସଙ୍କଟ, କୃଷି ଅଧିକାରୀଙ୍କୁ ଚାଷୀଙ୍କ ଫେରାଦ

ବରଗଡ଼,୧୨।୮(ପ୍ରେମାନନ୍ଦ ଖମାରୀ)



ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

ବରଗଡ଼ ଜିଲାରେ ସାର ସଙ୍କଟ ଦେଖା ଦେଇଛି। ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସୋମବାର ବରଗଡ଼ ବ୍ଲକ ଗାଇସୀମା ଗ୍ରାମର ଚାଷୀମାନେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମର ମିଶ୍ରଙ୍କୁ ଫେରାଦ ହୋଇଥିଲେ। ପ୍ରକାଶ ଯେ, ଚଳିତ ବର୍ଷ ବିଳମ୍ବରେ ବର୍ଷା ହେବା କାରଣରୁ ଚାଷୀଙ୍କ ଚାଷ କାର୍ଯ୍ୟ ପଛେଇ ଯାଇଛି। ଜୁଲାଇ ମାସ ଶେଷ ଆଡକୁ ଭଲ ବର୍ଷା ହୋଇଥିବା କାରଣରୁ ବର୍ତ୍ତମାନ ସୁଦ୍ଧା ରୁଆ ବିହୁଡା କାମ ସରି ନାହିଁ। ରୁଆ ବିହୁଡା କାଦୁଅ ସମୟରେ ଦାନାଦାର ସାର ଦରକାର ପଡିଥାଏ ।କିନ୍ତୁ ଚଳିତ ବର୍ଷ ଅନେକ ଚାଷୀମାନେ କାଦୁଅରେ ଦାନାଦାର ସାର ଦେଇ ନାହାଁନ୍ତି। ସେଥିପାଇଁ ବର୍ତ୍ତମାନ ସାର ସଙ୍କଟ ଦେଖିବାକୁ ମିଳୁଛି। ସାର ସହିତ ନାନୋ ସାର ବାଧ୍ୟତାମୂଳକ ଭାବେ ଦିଆଯାଉଥିବାରୁ ଚାଷୀମାନେ ନେବା ପାଇଁ ରାଜି ହେଉନାହାଁନ୍ତି। ବରଗଡ଼ ଜିଲାରେ ଡିଏପି ସାର ୧୩୫୦ ଟଙ୍କା ମୂଲ୍ୟ ଥିବା ସ୍ଥଳେ ୧୫୦୦ରୁ ୧୬୦୦ ଟଙ୍କାରେ ଖୋଲାବଜାରରେ ବିକ୍ରି ହେଉଛି। ଯଦି ଚାଷୀମାନେ ସରକାରୀ ମୂଲ୍ୟରେ ସାର ଦେବା ପାଇଁ ଦାବି କଲେ ଡିଲରମାନେ ସାର ନ ଥିବା କହୁଛନ୍ତି। ସେଥିପାଇଁ ବରଗଡ଼ ବ୍ଲକ ଗାଇସିମାର ଚାଷୀମାନେ ଜିଲା କୃଷି କାର୍ଯ୍ୟାଳୟ ଆସି ସାର ଦେବା ପାଇଁ ଦାବି କରିଥିଲେ। ପରେ ପ୍ରଶାସନ ତରଫରୁ କୃଷି ଅଧିକାରୀ ବିରେନ୍ଦ୍ର ଛୁରିଆ ଚାଷୀଙ୍କ ସମସ୍ୟା ବୁଝି ମଙ୍ଗଳବାର ସୁଦ୍ଧା ଆବଶ୍ୟକ ମୁତାବକ ସାର ଯୋଗାଇ ଦେବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନେକାଣ୍ଟି, ନିରଞ୍ଜନ ପଧାନଙ୍କ ସମେତ ଗାଇସିମାର ଚାଷୀ ଧନପତି ସାହୁ, ପ୍ରକାଶ ସାହୁ, ଟଙ୍କଧର ଥପା, ନାରାୟଣ ରାଣ ଏବଂ ରୁପେଶ ପଧାନ ନେତୃତ୍ୱ ନେଇଥିଲେ। ମଙ୍ଗଳବାର ସୁଦ୍ଧା ସାର ନ ମିଳିଲେ ଆନ୍ଦୋଳନ କରିବା ପାଇଁ ସଂଗଠନ ତରଫରୁ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଜନ୍ମାଷ୍ଟମୀ ପାଇଁ ରାଧାକୃଷ୍ଣ ମନ୍ଦିରରେ ପ୍ରସ୍ତୁତି

ରାଉରକେଲା,୧୨।୮(ଦିନେଶ ମିଶ୍ର): ଆସନ୍ତା ଜନ୍ମାଷ୍ଟମୀ ପାଇଁ ସେକ୍ଟର-୧୫ ରାଧାକୃଷ୍ଣ ସେବା ସମିତି ପକ୍ଷରୁ ପରିଚାଳନା କମିଟି ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ୨୬ ତାରିଖରେ ପାଳିତ ହେବାକୁ ଥିବା ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ମନ୍ଦିରର ସଦସ୍ୟମାନେ ନିଜ ମତ ଦେଇଥିଲେ। ପ୍ରାରମ୍ଭରେ କମିଟିର ସଭାପତି ଦାୟିତ୍ୱ ନିର୍ବାହ କରୁଥିବା ଜୟନ୍ତୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପୂର୍ବ ବର୍ଷମାନଙ୍କରେ ଯେଭଳି ଶାନ୍ତିଶୃଙ୍ଖଳାର ସହ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା ସେହଳି କରାଯିବ। ନିର୍ଦ୍ଧାରିତ ସମୟରେ ପୂଜା, ଆଳତୀ, ହୋମ ଶେଷ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଗଲା। ଭଜନ କୀର୍ତ୍ତନ ଓ ଭକ୍ତଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ କହିଥିଲେ। କମିଟିର ଲୋକସମ୍ପର୍କ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବିଷ୍ଣୁ ଚରଣ ବିଶ୍ୱାଳ, ଗୁରୁ ଚରଣ ନନ୍ଦ, ହେମନ୍ତ କୁମାର ବିଶ୍ୱାଳ, କପିଳେଶ୍ୱର ମିଶ୍ର, ପୁରୁଷୋତ୍ତମ ବେହେରା, ଶ୍ରୀହରି ବେହେରା, ଗୌରାଙ୍ଗ ଚରଣ ସେଠୀ, ସତ୍ୟବାନ ପ୍ରଧାନ, ଶିବରାମ ପୁହାଣ, ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### କାଉଡିଆ ବେଶରେ ମୋବାଇଲ ଚୋରି, ୨ ଗିରଫ

ରାଉରକେଲା,୧୨।୮(ସଙ୍ଗୀତା ଜେନା): କାଉଡିଆ ବେଶରେ ମୋବାଇଲ ଚୋରି କରିଥିବା ଅଭିଯୋଗରେ ରାଉରକେଲା ଜିଆର୍‌ପି ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଳାସପୁର ଅଞ୍ଚଳର ପରଦେଶୀ ସୋନୀ(୫୭) ଏବଂ ରାଜଗାଙ୍ଗପୁରର ଓମକରୀ କଶ୍ୟପ(୨୦)। ଉଭୟଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। ଏ ନେଇ ଥାନା ପକ୍ଷରୁ ପୃଥକ ୨ଟି ମାମଲା (ନଂ.୧୩୧/୨୪ ଓ ନଂ.୧୩୨/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ପରଦେଶୀ ରାଉରକେଲା ଷ୍ଟେଶନ ପ୍ଲାଟଫର୍ମ ନଂ. ୧ରେ ଟ୍ରେନରେ ମୋବାଇଲ ଚୋରି କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ। ସେହିପରି ଓମ୍‌କାର ରାଜଗାଙ୍ଗପୁର ଷ୍ଟେଶନରେ କାଉଡିଆ ବେଶରେ ଟ୍ରେନ୍‌ରେ ଜଣଙ୍କ ମୋବାଇଲ ଚୋରି କରୁଥିବା ବେଳେ ଧରାପଡ଼ିଥିଲେ।

# ଖାଲିଥିବା ଡାକ୍ତର ପଦବୀ ପୂରଣ କରାଯିବ

ରାଉରକେଲା,୧୨।୮(ଦିନେଶ ମିଶ୍ର)

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ତିନିଦିନିଆ ଗସ୍ତରେ ରାଉରକେଲା ଆସିଥିବାବେଳେ ସୋମବାର ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ର ସ୍ଥିତି ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ରାଉରକେଲା ସରକାରୀ ଡାକ୍ତରଖାନାରେ ଥିବା ମାତୃଶିଶୁ ବିଭାଗ, ଅନ୍ତଃ ବିଭାଗ, ନିଦାନ ବିଭାଗ, ବର୍ହି ବିଭାଗ ସହ ଡାକ୍ତରଖାନାର ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ। ଏଥିସହ ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କୁ ଠିକ୍ ସ୍ୱାସ୍ଥ୍ୟସେବା ମିଳୁଛି କି ନାହିଁ ରୋଗୀଙ୍କୁ ପଚାରି ବୁଝିଥିଲେ। ଅନ୍ତଃବିଭାଗ ଓ ମାତୃଶିଶୁ ବିଭାଗରେ ଶଯ୍ୟା ସମସ୍ୟା ଯୋଗୁ ଆଗାମୀ ଦିନରେ କିଭଳି ଅଧିକ ଶଯ୍ୟା ବ୍ୟବସ୍ଥା କରାଯାଇପାରିବ ସେ ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ଆଲୋଚନା କରିଥିଲେ। ସେହିପରି ପ୍ରତିଦିନ ଡାକ୍ତରଖାନାକୁ ଆସୁଥିବା ରୋଗୀ ସଂଖ୍ୟା ଓ ନିରାମୟ ଯୋଜନାରେ ମିଳୁଥିବା ଔଷଧ ବିତରଣ, ଡାକ୍ତରଖାନାର ସଫେଇ ବ୍ୟବସ୍ଥା ସାଙ୍ଗକୁ ରକ୍ତଭଣ୍ଡାର




ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆର୍‌ଜିଏଚ୍ ସ୍ଥିତି ସମୀକ୍ଷା କରୁଛନ୍ତି।

ସ୍ଥିତିକୁ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ପରେ ଆରଜିଏଚ୍ ସଭାଗୃହରେ ଡାକ୍ତରଖାନାର ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଥିଲେ, ଆରଜିଏଚ୍ ସହରର ଏକମାତ୍ର ସର୍ବପୁରାତନ ସରକାରୀ ଡାକ୍ତରଖାନା। ଏହି ଡାକ୍ତରଖାନା ଉପରେ ଖାଲି ଯେ ରାଉରକେଲାବାସୀ ନିର୍ଭର କରନ୍ତି ତାହା ନୁହଁ ବରଂ ଜିଲା ସମେତ ଝାଡ଼ଖଣ୍ଡ, ଛତିଶଗଡ ଆଦି ରାଜ୍ୟରୁ ରୋଗୀ ଏଠାକୁ ଚିକିତ୍ସା ହେବାକୁ ଆସିଥାନ୍ତି। ଏଠାରେ ଡାକ୍ତର ଅଭାବ ଥିବାବେଳେ ଚଳିତ ବଜେଟ ଅଧିବେଶନରେ ରାଜ୍ୟରେ ୩ ହଜାର ନୂତନ ଡାକ୍ତରଙ୍କୁ ନିଯୁକ୍ତ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ଖୁବ୍‌ଶୀଘ୍ର ଆରଜିଏଚ୍‌ରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରାଯିବ। ଏଥିସହ ଡାକ୍ତରଖାନାରେ ଶଯ୍ୟା ବୃଦ୍ଧି ସାଙ୍ଗକୁ ଆଇସିୟୁ ସେଣ୍ଟର ଖୋଲାଯିବ। ସେହିପରି ଆରିଜିଏଚ୍‌ରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର

**ଆରଜିଏଚ୍ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ**

ଏହାର ଫର୍ଦ୍ଦାଫାସ କରାଯିବ। ଆରଜିଏଚ୍ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଅନ୍ତର୍ଭୁକ୍ତ ଥିବାରୁ ଚଳିତବର୍ଷ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୬ଶହ ୬୦ କୋଟି ଟଙ୍କାର ନୂତନ ପ୍ରୋଜେକ୍ଟ ଆସିଛି। ଯାହା ଡାକ୍ତରଖାନାରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯିବାର ସହାୟକ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ଏହି ସମୟରେ ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି, ଆରଜିଏଚ୍ ନିର୍ଦ୍ଦେଶକ ମନୋଜ ଉପାଧ୍ୟାୟ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଆରଜିଏଚ୍ ସୁପରିଣ୍ଟେଣ୍ଡେଣ୍ଟ ସୁଧାରାଣୀ ପ୍ରଧାନ, ଡକ୍ଟର ପଣ୍ଡିତ ସାହୁ, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ସମେତ ଡାକ୍ତରଖାନାର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବଳରାମ



@ ଚୈତନ୍ୟ



@ କନ୍ଦ୍ରେସ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହାପି ମୁମେଣ୍ଟ୍ସ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ




ଉତ୍ସବରେ ଉପସ୍ଥିତ ଅତିଥିଗଣ।

ରାଉରକେଲା,୧୨।୮(ଦିନେଶ ମିଶ୍ର)

ରାଉରକେଲାର ସହରର ସାମାଜିକ ଅନୁଷ୍ଠାନ ହାପି ମୁମେଣ୍ଟ୍ସ ଅଫ୍ ଇଣ୍ଡିଆ ଓ ଆଦିବାସୀ ଲୋକନୃତ୍ୟ ଆର୍ଟ ସେଣ୍ଟରର ମିଳିତ ଆନୁକୂଲ୍ୟରେ ଏନ୍‌ଆଇଟି ଅଡିଟୋରିୟମ୍ କକ୍ଷଠାରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ହାପି ମୁମେଣ୍ଟ୍ସର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି, ପଶ୍ଚିମ ଓଡିଶାର ଲୋକପ୍ରିୟ ଗୀତ ରଙ୍ଗବତୀ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମାଜସେବୀ କମଲ ଅଗ୍ରୱାଲ, ନୃତ୍ୟଗୁରୁ ଆଲୋକ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ବଲପୁରୀ ଦିନ୍ ଆୟୋଜନର ପ୍ରତିଷ୍ଠାତା ସଦସ୍ୟ ମାନସ ବକ୍ସି ଓ ଭବାନିଶ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଦିନର ମହତ୍ତ୍ୱ ଉପରେ ମତପ୍ରକାଶ କରିଥିଲେ। ଉପସଭାପତି କୁଞ୍ଜବିହାରୀ ରାଉତଙ୍କ ଆବାହକତ୍ୱରେ ମୋନାଲିସା ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ବଲପୁରର ଗର୍ବ ଓ ଗୌରବ ସତ୍ୟନାରାୟଣ ବହିଦାରଙ୍କୁ ସ୍ମୃତି ସମ୍ମାନ-୨୦୨୪ ପ୍ରଦାନ କରାଯିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ସେହିପରି ସମାଜସେବୀ ଛଗନଲାଲ ଜୈନ, ସଙ୍ଗୀତ ଗୁରୁ ପୁଲିନ ରାଉତରାୟ, ଅଜିତ ମୋହନ ପୂଜାରୀ, ପ୍ରତାପ ମହାନ୍ତି, ଝିଲିରାଣୀ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର ସଙ୍ଗମର ଗୁରୁ ପୁଲିନ୍ ରାଉତରାୟ ଓ ସାଥୀ କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ସମ୍ବଲପୁରୀ ଡ୍ୟାନ୍ସ ପ୍ରତିଯୋଗିତା ଓ ଫ୍ୟାଶନ ଶୋ ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ସୁଚିସ୍ମିତା ବିଶ୍ୱାସ, ପ୍ରତ୍ୟାଶା ପଟେଲ, ରବର୍ଟ ହାଇଫିଲ, ରାହୁଲ ସୁନା, ରକ୍ ଯୋଗେଶ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଦିବାକର ଦାସ, ସତ୍ୟମ ମୋଦକ, ରଞ୍ଜନ ସାହୁ, ଲିତାଞ୍ଜଳି ପତି, ତରୁଲତା ସାମଲ, ସଲିତ ପତି, ସୋନୁ ତନ୍ତୀ ପ୍ରମୁଖ ସହଯୋଗ କରିଥିଲେ। ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବେଦବ୍ୟାସର ସାମଗ୍ରିକ ବିକାଶ ହେଉ

ରାଉରକେଲା,୧୨।୮(ଦିନେଶ ମିଶ୍ର): ରାଉରକେଲା ବେଦବ୍ୟାସ ପୀଠର ଉନ୍ନତୀକରଣ ଓ ଝୁଲାପୋଲ ନିର୍ମାଣ ସ୍ୱୀକୃତି ପାଇଁ ଓଡିଶା ସରକାରଙ୍କ ସହ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଥିଙ୍କର୍ସ ଫୋରମ୍ ପକ୍ଷରୁ ଆବାହକ ନଳିନୀକାନ୍ତ ଧର କୃତଜ୍ଞତା ଜଣାଇଛନ୍ତି। ରାଉରକେଲାର ବେଦବ୍ୟାସ ପୀଠ ଜାତୀୟ ସ୍ତରରେ ଏକ ଐତିହ୍ୟ, ଧାର୍ମିକ, ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ହେବାର ସମସ୍ତ ମାନ୍ୟତା ରଖିଛି। ଏହାକୁ ଏକ ଝୁଲାପୋଲ ସଂଯୋଗରେ ସୀମିତ ନ ରଖି ଝିରପାଣିଠାରୁ ବ୍ରାହ୍ମଣୀ କ୍ଲବ ପର୍ଯ୍ୟନ୍ତ ନଦୀ ଉପରେ ପାଚେରି, କୃତ୍ରିମ ଜଳାଶୟ, ନଦୀ ତଟ ସୌନ୍ଦର୍ଯ୍ୟକରଣ, ଆଧ୍ୟାତ୍ମିକ ଗବେଷଣାଗାର, ପ୍ରଦର୍ଶନୀ ସ୍ଥଳ ଓ ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ସଭା ମଣ୍ଡପ ସହ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ କରାଯାଉ ବୋଲି ଧର ଦାବି କରିଛନ୍ତି।

# ସମସ୍ତେ ସଚେତନ ହେଲେ ଅପରାଧ କମିବ

**ସେକ୍ଟର-୧୯ ଥାନାରେ ଆମ ପୋଲିସ ବୈଠକ**

ରାଉରକେଲା,୧୨।୮(ଦିନେଶ ମିଶ୍ର)

ସେକ୍ଟର-୧୯ ଥାନା ପରିସରରେ ଆମ ପୋଲିସ ପକ୍ଷରୁ ସୋମବାର ଏକ ସଚେତନତା ମୂଳକ ବୈଠକ ଥାନାଧିକାରୀ ସାଇପ୍ରଭା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଉରକେଲା ଜୋନ୍-୧ର ଡିଏସ୍‌ପି ପୁଷ୍ପାଞ୍ଜଳି ନେଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେକ୍ଟର-୧୯ ଥାନା ଅଧୀନରେ ଆସୁଥିବା ବିଭିନ୍ନ ସ୍ଥାନରେ କିଭଳି ଶାନ୍ତିଶୃଙ୍ଖଳା ବଜାୟ ରହିବ ଓ ଅପରାଧମୂଳକ କାର୍ଯ୍ୟରୁ ନିଜକୁ ବଞ୍ଚାଇବାକୁ ସମସ୍ତେ ସଜାଗ ସହ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି ସାଇବର ଠକେଇ, ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ସୁରକ୍ଷା, ଟ୍ରାଫିକ ନିୟମ, ସନ୍ଦିଗ୍ଧ ବ୍ୟକ୍ତି ସମ୍ପର୍କରେ ପୋଲିସକୁ ସୂଚନା ଦେବା ବିଷୟରେ ଅବଗତ କରାଯାଇଥିଲା। ସେହିପରି ହମିରପୁର ଅଞ୍ଚଳରେ ଏକ ଆଉଟ୍‌ପୋଷ୍ଟ ନିର୍ମାଣ କରିବାକୁ ଉପସ୍ଥିତ ଅଞ୍ଚଳବାସୀ ଦାବି କରିଥିଲେ। ରୁକ୍‌ସାନା ବେଗମ୍, ନିଳିମା ଜୟସିଂହ, ମନୋଜ ସାହୁ, ଅବିନାଶ ଗୁପ୍ତା, ପ୍ରକାଶ ଗୁପ୍ତା, ସନ୍ତୋଷ ସ୍ୱାଇଁ, ଯଦୁମଣି ପାତ୍ର, କୁଞ୍ଜବିହାରୀ ରାଉତ, ଅଭିତାଭ ଘୋଷ, ବସନ୍ତ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସବ୍‌ଇନ୍ସପେକ୍ଟର ସୁଷମା ସାହୁ, ରୁଦ୍ରନାରାୟଣ ଦାସ, ଆଶା ତିର୍କୀ, ଦିଲୀପ ତିର୍କୀ ପ୍ରମୁଖ ସହଯୋଗ କରିଥିଲେ।




ଆମ ପୋଲିସ ବୈଠକରେ ମଞ୍ଚାସୀନ ଅଧିକାରୀ।

### ଏନ୍‌ଆଇଟି ପକ୍ଷରୁ ଗ୍ରାମୀଣ ସଂଯୋଗ କାର୍ଯ୍ୟକ୍ରମ

ରାଉରକେଲା,୧୨।୮(ସଙ୍ଗୀତା ଜେନା): ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ଉନ୍ନତ ଭାରତ ଅଭିଯାନ(ୟୁବିଏ) ପକ୍ଷରୁ ଗ୍ରାମୀଣ ବିଦ୍ୟାଳୟ ସଂଯୋଗ କାର୍ଯ୍ୟକ୍ରମ ଦଲପୋଷ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଶିକ୍ଷାକୁ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୟୁବିଏ ପାଇଁ ଆଞ୍ଚଳିକ ସମନ୍ୱୟ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା ଏନ୍‌ଆଇଟି ଜାମ୍‌ସେରା, ଦଲପୋଷ, ମିଟକୁନ୍ଦରୀ, କାନସର (ମୁଣ୍ଡାଟୋଲା) ଆଦି ୫ଟି ଗ୍ରାମ ଗ୍ରହଣ କରିଛି। ଉକ୍ତ ଗ୍ରାମର ବିଦ୍ୟାଳୟଗୁଡ଼ିକରେ ଫ୍ରି ଟୁ ଏଆର ଡିଟିଏଚ୍ ଡିସ୍ ସମେତ ୯ଟି ଟେଲିଭିଜନ୍ ସେଟ୍ ଦାନ କରାଯାଇଛି। ଯେଉଁଥିରେ ଶିକ୍ଷା ଚ୍ୟାନେଲଗୁଡ଼ିକ ପ୍ରସାରଣ ହେଉଛି। କାର୍ଯ୍ୟକ୍ରମରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥି, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦଲପୋଷ ସରପଞ୍ଚ ବେଦନା ଓରାମ, ସ୍କୁଲ ପ୍ରଧାନଶିକ୍ଷକ ଧ୍ରୁବା ରାଉତ ଉପସ୍ଥିତ ଥିଲେ। ପ୍ରଫେସର ବ୍ରଜଗୋପାଳ ମିଶ୍ର, ରାମକୃଷ୍ଣ ବିଶ୍ୱାଳ, ୟୁବିଏର ପ୍ରଫେସର ସୁଜିତ ସେନ୍, କାକୋଲି କେ. ପାଲ, ସନ୍ଧ୍ୟାରାଣୀ ବିଶ୍ୱାସ, ରାଜେଶ ବେହୁରିଆ, ବନିତା ମହାଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆର୍‌ଏସ୍‌ପି ଦେଲା ସ୍ୱଚ୍ଛତା ସ୍ୱାଭିମାନ ପୁରସ୍କାର

ରାଉରକେଲା,୧୨।୮(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୨୦୨୩-୨୪ ତଥା ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ର ପ୍ରଥମ ତ୍ରୟୋମାସ ପାଇଁ ସ୍ୱଚ୍ଛତା ସ୍ୱାଭିମାନ ପୁରସ୍କାର ପ୍ରଦାନ ସମାରୋହ ରାଉରକେଲା କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହର ପ୍ରଶାସନ ତଥା ସିଏସ୍‌ଆର ବିଭାଗର ସିଜିଏମ୍ ପି. କେ. ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସହର ସେବା ବିଭାଗ ଜିଏମ୍ ଇନଚାର୍ଜ ଟି. ଜି କାନେକର, ପ୍ରକଳ୍ପ ଓ ଆଧୁନିକୀକରଣ ବିଭାଗର ଜିଏମ୍ ଅମର କୁମାର ମହାନ୍ତି, ଆଇଇଡି ବିଭାଗର ଡିଜିଏମ୍ ବି. କେ. ବେହେରା ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ସ୍ୱଚ୍ଛତା ସ୍ୱାଭିମାନ ଯୋଜନାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସହରର ସ୍ୱଚ୍ଛତା ସହ ଜଡିତ ପ୍ରତ୍ୟେକ ଦଳର କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସ୍ୱଚ୍ଛ ଓ ସୁସ୍ଥ ଭାରତ ମିଶନ ବିଷୟରେ ଉଲ୍ଲେଖ କରି ସହରକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ପାଇଁ ସେ ସମସ୍ତଙ୍କୁ ଏହି ମିଶନରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ତେବେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଚାମ୍ପିୟନ ପୁରସ୍କାର ଲୋକସମ୍ପର୍କ ବିଭାଗର ସିନିୟର ଟେକ୍ନିସିଆନ ଦଳ କ୍ୟାପଟେନ ନିରନ ଧଳଙ୍କ ଦ୍ୱାରା ପରିଚାଳିତ ବୈକୁଣ୍ଠ ଘାଟ ଦଳକୁ ପ୍ରଦାନ କରାଯାଇଥିଲା। ଏହି ଦଳ ୫୦ହଜାର ଟଙ୍କା ସହିତ ଟ୍ରଫି ଲାଭ କରିଥିଲେ। ସେକ୍ଟର-୯ କ୍ୟାପ୍‌ଟେନ କେଦାର ନାଥ ପରିଡା ଓ ଗ୍ରୁପ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ର ୧ମ ତ୍ରୟୋମାସ ପାଇଁ ୧ମ ପୁରସ୍କାର ବିଜେତା ଘୋଷିତ ହୋଇ ୩୦ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲେ। ସେହିପରି ଅଭିରାମପାଲ୍ଲୀ ବସ୍ତିର କ୍ୟାପ୍‌ଟେନ ନିର୍ମଳ ବାରିକଙ୍କ ନେତୃତ୍ୱରେ ଅନ୍ୟ ଏକ ଗ୍ରୁପ୍ ପ୍ରଥମ ରନର୍ସ ଅପ୍ ପୁରସ୍କାର ବିଜେତା ଭାବେ ୨୫ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ଲାଭ କରିଥିଲେ। ଏହି ଦଳରେ ସମସ୍ତ ସଦସ୍ୟ ମହିଳା ବର୍ଗର ରହିଥିଲେ। ସେକ୍ଟର-୮ ଜୁବିଲି ପାର୍କର କ୍ୟାପ୍‌ଟେନ ପପୁ ବେହେରା ଓ ତାଙ୍କ ଦଳ ଦ୍ୱିତୀୟ ରନର୍ସ ଅପ୍ ପୁରସ୍କାର ବିଜେତା ଭାବେ ୨୦ହଜାର ଟଙ୍କାର ପୁରସ୍କାର ରାଶି ସହ ଏକ ଟ୍ରଫି ଲାଭ କରିଥିଲେ। ପରେ ବାପି ପଲାଇ ଏବଂ ତାଙ୍କ ଦଳଙ୍କ ଦ୍ୱାରା ସ୍ୱଚ୍ଛତା ଉପରେ ନୃତ୍ୟ ପରିବେଷଣ ହୋଇଥିଲା। ସମାରୋହ ସଭାରେ ଜନସ୍ୱାସ୍ଥ୍ୟ ବିଭାଗ ଡେପୁଟି ସିଏମ୍‌ଓ ଡକ୍ଟର ଦୀପା ଲାଭାଙ୍ଗରେ ସ୍ୱାଗତ ଜଣାଇଥିଲେ। ସିଆରଏମ୍ ବିଭାଗର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ଦେଶବ୍ୟାପୀ ଏଡ୍‌ସ, ଯୌନ ସଂକ୍ରମିତ ରୋଗ ସଚେତନତା ଅଭିଯାନ ଆରମ୍ଭ

**ଓଡ଼ିଶାରେ ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ**

ଭୁବନେଶ୍ୱର/ରାଉରକେଲା, ୧୨।୮ (ଅନୁରାଧା ମହାରଣା/ଦିନେଶ ମିଶ୍ର)




ସରକାରୀ ସ୍ୱୟଂଶଶସିତ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ସୋମବାରଠାରୁ ଦେଶବ୍ୟାପୀ ଏଚ୍‌ଆଇଭି ଏଡ୍‌ସ ଓ ଯୌନ ସଂକ୍ରମିତ ରୋଗର ନିରାକରଣ ପାଇଁ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏହି ଅଭିଯାନ ଦେଶର ୬୧ ହଜାର ଏବଂ ଓଡ଼ିଶାର ୧୬ହଜାର ଗାଁରେ ଚାଲିଛି। ଓଡ଼ିଶାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଉରକେଲା ପାନପୋଷର ସ୍ଥାନୀୟ ସରକାରୀ ସ୍ୱୟଂଶାସିତ କଲେଜରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଏହି ଅଭିଯାନର ଶୁଭାରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମହାଲିଙ୍ଗ କହିଲେ, ରାଜ୍ୟରେ ଏବେ ୬୦ ହଜାରରୁ ଊର୍ଦ୍ଧ୍ୱ ଏଚ୍‌ଆଇଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପରିସଂଖ୍ୟାନ ଅନୁସାରେ ଗଞ୍ଜାମ ଜିଲାରେ ସର୍ବାଧିକ ଏଚ୍‌ଆଇଭି ସଂକ୍ରମିତ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖଲ୍ଲିକୋଟ ବ୍ଲକର ବଡ଼ପାଲ୍ଲୀ ଗ୍ରାମ ପଞ୍ଚାୟତରେ ବ୍ୟାପକ ସଚେତନତା ସୃଷ୍ଟି ସହ ଏହାକୁ ଏଚ୍‌ଆଇଭି ମୁକ୍ତ ଘୋଷଣା କରିବାକୁ ପରୀକ୍ଷାମୂଳକ ଭାବେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଯୁବବର୍ଗ ସଚେତନ ହେଲେ ଏହି ରୋଗର ନିରାକରଣ ସମ୍ଭବ ହୋଇପାରିବ। ସାମାଜିକ ଗଣମାଧ୍ୟମ ଜରିଆରେ ସଚେତନତାକୁ ବ୍ୟାପକ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସେ ଆହ୍ୱାନ ଦେଇଥିଲେ। ଜିଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ, ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସଚେତନତା ଶିବିର ଏବଂ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ ହେଉଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ନାଟକ, ଦୌଡକୁଦ, କୁଇଜ ଆଦି ପ୍ରତିଯୋଗିତା ମାଧ୍ୟମରେ ସଚେତନ କରାଯାଉଛି। ଏହା ବ୍ୟତୀତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ହେଉଛି। ସମ୍ମାନିତ ଅତିଥି ଭାବେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତି, ଆରଏମ୍‌ସି କମିଶନର ଡା.ଆଶୁତୋଷ କୁଲକର୍ଣ୍ଣି, ଜିଲାପାଳ ମନୋଜ ସତ୍ୟପାଳ ମହାଜନ, ପାନପୋଷ ସରକାରୀ ସ୍ୱୟଂଶାସିତ କଲେଜର ଅଧକ୍ଷ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସକାଳେ ସ୍ଥାନୀୟ ଆର୍‌ଜିଏଚ୍ ରାଉରକେଲାରୁ ରେଡ୍ ରିବନ କ୍ଲବର ଛାତ୍ରୀଛାତ୍ର ସଚେତନତା ସୃଷ୍ଟି ପାଇଁ ଗଣଦୌଡ଼ରେ ଆସି ସରକାରୀ ସ୍ୱୟଂଶାସିତ କଲେଜରେ ପହଞ୍ଚିଥିଲେ। ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡା. ଡି.ଏସ୍. ଅରବିନ୍ଦ ଉପସ୍ଥିତ ଥିବାବେଳେ ସିଡିଏମ୍‌ଓ ଡାକ୍ତର ପ୍ରଶାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

ରେଢ଼ାଖୋଲ (ଅଚ୍ୟୁତାନନ୍ଦ ପୁରୋହିତ): ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ପୋଲିସ ସ୍ଥାନୀୟ ରେଳଷ୍ଟେଶନ ନିକଟରୁ ୧୦ କେଜି ଗଞ୍ଜେଇ ଜବତ କରିଛି। ଚୋରାଚାଲାଣକାରୀ ପଶ୍ଚିମବଙ୍ଗ ସୋନାରପୁରର ସଞ୍ଜୟ ବରୁଆ (୫୨)ଙ୍କୁ ଗିରଫ କରାଯାଇଛି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସଂକ୍ଷେପରେ

## ମୃତ୍ୟୁପରେ ଚକ୍ଷୁଦାନ କଲେ ପରିବାର ଲୋକେ



ସୁନିତା ସାହୁ।

ସମ୍ବଲପୁର,୧୨ା୮(ଭବାନୀ ଶଙ୍କର ଭୋଇ)

ବରଗଡ଼ ଜିଲା ଗୋବିନ୍ଦପୁରର ସୁନିତା ସାହୁଙ୍କ ଗୁରୁତର ଅବସ୍ଥାରେ ଗତ ୮ତାରିଖ ବୁର୍ଲା ଭିମସାର ମେଡ଼ିସିନ ବିଭାଗରେ ଭର୍ତ୍ତି ହୋଇଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଶବ ସତ୍କାର ପୂର୍ବରୁ ସୁନିତାଙ୍କ ଚକ୍ଷୁଦାନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏହାପରେ ବୁର୍ଲା ଭିମସାର ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ତାଙ୍କର ଚକ୍ଷୁ ସଂଗ୍ରହ କରାଯାଇଥିଲା। ଡାକ୍ତର ପଲ୍ଲବୀ ରାଉତରାୟ ଏବଂ ଡାକ୍ତର ଏମଏସ ମହେଶ ସୁନିତାଙ୍କ ଚକ୍ଷୁ ସଂଗ୍ରହ କରିଥିଲେ। ସୁନିତାଙ୍କ ପରିବାର ଆର୍ଥିକ ଦୁର୍ବଳ ହୋଇଥିବା ବେଳେ ତାଙ୍କ ପାଖରେ ମୃତଦେହ ଘରକୁ ନେବାପାଇଁ ମଧ୍ୟ ସମ୍ବଳ ନଥିଲା। ତଥାପି ଝିଅର ଆଖିକୁ ସମାଜ ପାଇଁ ଦାନ କରିବାକୁ ସେମନେ ପଛାଇ ନଥିଲେ। ପରିବାରର ଆର୍ଥିକ ସମସ୍ୟା ଜାଣିବା ପରେ ହସ୍ପିଟାଲ ମ୍ୟାନେଜର ଦୀପିକା ପ୍ରଧାନ ଏବଂ ନର୍ସିଂ କର୍ମଚାରୀ ମଧୁ ରଞ୍ଜନ ଛତ୍ରିଆ ସାମାଜିକ କର୍ମୀ ରାମଦାସ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ଏକ ଗାଡିରେ ସୁନିତାଙ୍କ ମୃତଦେହ ତାଙ୍କ ପୈତୃକ ଗ୍ରାମକୁ ପହଞ୍ଚାଇବା ବ୍ୟବସ୍ଥା କରାଯାଇଥିଲା। ହସ୍ପିଟାଲ ମ୍ୟାନେଜର ଦୀପିକା ପ୍ରଧାନଙ୍କ ସହ ମଧୁ ଛତ୍ରିଆ, ଅନିଲ ଦେହୁରୀ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ଅଭାବ ଭିତରେ ଥିବା ସତ୍ତ୍ୱେ ସୁନିତାଙ୍କ ଚକ୍ଷୁକୁ ଦାନ କରିବା ପାଇଁ ପରିବାର ଲୋକଙ୍କ ଭାବନାକୁ ଗୋବିନ୍ଦପୁର ଗ୍ରାମବାସୀଙ୍କ ସହିତ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ନିଶାମୁକ୍ତ ସମାଜ ପାଇଁ ଶପଥ ନେଲେ

କୁଚିଣ୍ଡା,୧୨ା୮(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁରୁରାଗୁଆଁ ଯୁକ୍ତ୨ କଲେଜରେ ସୋମବାର ନିଶା ନିବାରଣ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ, ସୁଧିର କୁମାର ନାଏକ, ଅଧ୍ୟାପିକା ଭାବନା ପାଣ୍ଡେ,ଡିଇଓ ସମିନ ରଞ୍ଜନ ନାଏକ ଅତିଥିଭାବେ ଯୋଗଦେଇ ସମାଜ ଓ ପରିବାର ଉପରେ ନିଶାର କୁପ୍ରଭାବ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସତ୍ୟନାରାରଣ ପଟେଲ ଉପସ୍ଥିତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କୁ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରାଇଥିଲେ। ଶେଷରେ ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଭୟ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଛାତ୍ରମାନଙ୍କୁ କୃମି ଓ ଫାଇଲେରିଆ ପ୍ରତିଷେଧକ ଔଷଧ ଦିଆଯାଇଥିଲା।

# ସେବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆହ୍ୱାନ

ସମ୍ବଲପୁର,୧୨ା୮(ବି.ଶଙ୍କର)





ଭାରତ ବିକାଶ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ଏକଦିବସୀୟ ପ୍ରାନ୍ତ କର୍ମଶାଳାରେ ଅତିଥିମାନେ।

### ଭାରତ ବିକାଶ ପରିଷଦ ପ୍ରାନ୍ତ କର୍ମଶାଳା

ଭାରତ ବିକାଶ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତର ଏକଦିବସୀୟ ପ୍ରାନ୍ତ କର୍ମଶାଳା ସମ୍ବଲପୁର ସିଟି ପ୍ୟାଲେସ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଥିଲେ। ଭାରତ ବିକାଶ ପରିଷଦର ସେବା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ। ଶାଖା ସଭାପତି ମକରଧ୍ୱଜ ଯୋଶୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶାଖା ସଚିବ ଡାକ୍ତର ନରେନ୍ଦ୍ର କୁମାର ବେହେରା ସୂଚନା ପ୍ରଦାନ କରିଥିଲେ। ପରିଷଦର କ୍ଷେତ୍ରୀୟ ଅଧକ୍ଷ ସୁମନ ସିଂହ(ପାଟନା), କ୍ଷେତ୍ରୀୟ ବିତ୍ତ ସଚିବ ସି.ଏ. ଆନନ୍ଦ ପ୍ରକାଶ (ରାଞ୍ଚି), କ୍ଷେତ୍ରୀୟ ମହିଳା ଓ ବାଳବିକାଶ ସଚିବ ସୁପ୍ରୀତି ରଥ (ପୁରୀ), ରାଷ୍ଟ୍ରୀୟ ପ୍ରକଳ୍ପ ସଦସ୍ୟ ଡାକ୍ତର ବିନୋଦ ବିହାରୀ ନାଏକ, କ୍ଷେତ୍ରୀୟ ସମ୍ପର୍କ ସଚିବ ଶ୍ୟାମ ସୁନ୍ଦର ଶର୍ମା, କ୍ଷେତ୍ରୀୟ ସଂସ୍କାର ସଚିବ ଅନୁପମ ଗୁପ୍ତା, ପ୍ରାନ୍ତ ସଭାପତି ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ, ମହାସଚିବ ପ୍ରକାଶ ପଟ୍ଟନାୟକ, ବିତ୍ତ ସଚିବ ଇଞ୍ଜିନିୟର କୃଷ୍ଣ କୁମାର ଗୁପ୍ତା, ମହିଳା ଓ ବାଳ ବିକାଶ ସଚିବ ଡାକ୍ତର ରଶ୍ମିରେଖା ଜେନା ଯୋଗଦେଇ ଏହି କର୍ମଶାଳାରେ ମାର୍ଗ ଦର୍ଶନ କରିଥିଲେ। ଏହି କର୍ମଶାଳାରେ ରାଉରକେଲା ଶାଖା, ସମ୍ବଲପୁର ଶାଖା, ହୀରାକୁଦ ଶାଖା, ବୁର୍ଲା ଶାଖା, ବରଗଡ଼ ଶାଖା, ପଦ୍ମପୁର ଶାଖା ଓ ଟିଟିଲାଗଡ଼ ଶାଖାର ସମସ୍ତ କର୍ମକର୍ତ୍ତା ସାମିଲ ଥିଲେ। ସଭା ପ୍ରାରମ୍ଭରେ ତନୁଜା ପାଢ଼ୀ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ଗାନ କରିଥିଲେ। ଶେଷରେ ପ୍ରାନ୍ତ ଉପସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।



**ଉଚ୍ଚ ରହିବ ତ୍ରିରଙ୍ଗା:** ଆଗକୁ ସ୍ୱାଧୀନତା ଦିବସ ପାଇଁ ସମ୍ବଲପୁର ବୁଢ଼ାରଜା ଛକର ତ୍ରିରଙ୍ଗା ଦୋକାନରେ ପିଲାଙ୍କ ଭିଡ ଜମିଛି ।

## ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ବାଇକ ରାଲି

ରେଢ଼ାଖୋଲ,୧୨ା୮(ଅଚ୍ୟୁତାନନ୍ଦ ପୁରୋହିତ)

ଜନସାଧାରଣଙ୍କ ମଧ୍ୟରେ ଜାତୀୟତାବୋଧ ଜାଗରଣ କରିବା ସହିତ ଏକତା ଏବଂ ଦେଶ ଭକ୍ତିର ଭାବକୁ ଅନୁପ୍ରେଣିତ କରିବା ଉଦ୍ଦେଶ୍ୟରେ ସୋମବାର ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ବାଇକ ରାଲିର ଆୟୋଜନ କରାଯାଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରୁ ରାଲି ବାହାରି ସହର ପରିକ୍ରମା କରିଥିଲା। ରାଲିରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଶିବରାମ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆଙ୍କ ସମେତ ସହରର ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ ।

## ୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୧୨ା୮(ପ୍ରମୋଦ ବହିଦାର)

ଏକକାଳୀନ ୪ଟି ଗେଟ୍ ବନ୍ଦ ପରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମଶଃ ବୃଦ୍ଧି ପାଉଛି। ରାତି ସାଢ଼େ ୯ ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜଳଭଣ୍ଡାରର ଜଳସ୍ତର ୬୧୩.୫୮ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତିସେକେଣ୍ଡରେ ହାରାହାରି ୯୪ ହଜାର ୩୧୯ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୨ଟି ଗେଟ ମାଧ୍ୟମରେ ପ୍ରତି ସେକେଣ୍ଡରେ ହାରାହାରି ୭୦ ହଜାର ୨୪୮ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ଜଳଭଣ୍ଡାରର ୨ଟି ସ୍ଲୁଇସ୍ ଗେଟ୍‌ରେ ପ୍ରତି ସେକେଣ୍ଡରେ ହାରାହାରି ୩୦ ହଜାର ୩୦୮ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫ ହଜାର ୮୨୧ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୧୧୦ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ମିଶି ମୋଟ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୧.୯୨ ମିଲିମିଟର ଓ ତଳ ମୁଣ୍ଡରେ ୧.୮୧ ମିଲିମିଟର ବର୍ଷା ରେକର୍ଡ ହୋଇଛି।

## ନିଶାମୁକ୍ତ ସମାଜ ଗଢ଼ି ତୋଳିବାକୁ ଶପଥ

ନାକଟୀଦେଉଳ,୧୨ା୮(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ନାତକ ମହାବିଦ୍ୟାଳୟ ପରିସରରେ ସଚେତନତା ସହ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହିତ ଜାତୀୟ ଯୁବ ଦିବସ ମଧ୍ୟ ପାଳନ କରାଯାଇଥିଲା। ଏଥିରେ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ୟୁଥ ରେଡ଼କ୍ରସ ସଂଯୋଜକ ତଥା ଇତିହାସ ବିଭାଗ ଅଧ୍ୟାପକ ଦେବେଶ ବିଶ୍ୱାଳ, ଶିକ୍ଷା ବିଭାଗ ଅଧ୍ୟାପକ ଶେଷଦେବ ବିଶ୍ୱାଳ, ଇଂଲିଶ ବିଭାଗ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଏନସିସି ଅଫିସର ହିମାଂଶୁ କୁମାର ବାରିକ ପ୍ରମୁଖ ଯୋଗଦେଇ ସରକାରଙ୍କ ନିଶାମୁକ୍ତ ଭାରତ ଭାରତ ଗଠନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ନିଶା ସେବନର ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ନିଶା ସେବନରୁ ଦୂରେଇ ରହି ସମ୍ବଲପୁରକୁ ନିଶାମୁକ୍ତ ଜିଲାଭାବେ ଗଢି ତୋଳିବାକୁ ଶପଥ ନେଇଥିଲେ।

## ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

ସମ୍ବଲପୁର,୧୨ା୮(ଭବାନୀ ଶଙ୍କର ଭୋଇ)

### ନୂତନ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର।

ସମ୍ବଲପୁର ଜିଲାର ନୂତନ ଜିଲାପାଳ ଭାବେ ୨୦୧୬ ବ୍ୟାଚ ଆଇଏଏସ୍ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଭଦ୍ରକ ଜିଲାର ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ନୟାଗଡ ବଦଳି ପରେ ଡ. ବୋନ୍ଦର ଏଠାରେ ଯୋଗଦାନ କରିଛନ୍ତି। ଅଗ୍ରୱାଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ବୋନ୍ଦର ବାମରା ବ୍ଲକରେ ଆୟୋଜିତ ମିଳିତ ଜନଶୁଣାଣୀରେ ଯୋଗଦେଇଥିଲେ। ଆୟୁର୍ବେଦିକ ଡାକ୍ତରଭାବେ କାର୍ଯ୍ୟ ଆରମ୍ଭ କରିଥିବା ଡ. ବୋନ୍ଦର ପ୍ରଶାସନିକ ସେବାକୁ ଆସିବା ପରେ ୨୦୧୮ ମସିହାରେ ଗୁଣପୁର ଉପଜିଲାପାଳ, ସେପ୍ଟେମ୍ବର ୨୦୨୦ରେ ବ୍ରହ୍ମପୁର ମହାନଗର ନିଗମ କମିଶନର, ୨୦ ଜୁନ ୨୦୨୨ଠାରୁ ଭଦ୍ରକ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଜିଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେବା ଅବସରରେ ଜିଲା ପ୍ରଶାସନର ବହୁ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ସମ୍ବଲପୁରକୁ ଏକ ଅଗ୍ରଣୀ ଜିଲାରେ ପରିଣତ କରିବା ଦିଗରେ ଡ. ବୋନ୍ଦେର ସହଯୋଗ କାମନା କରିଥିଲେ। ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନକୁ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବଳରାମ



@ ଚୈତନ୍ୟ



@ କନ୍ହେସ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭାଜପା ପକ୍ଷରୁ ବଜେଟ ଆଲୋଚନା

କୁଚିଣ୍ଡା,୧୨ା୮(ବିରଞ୍ଚି ଦର୍ଶା)

ରାଜ୍ୟରେ ମୋହନ ମାଝିଙ୍କ ନେତୃତ୍ୱରେ ଗଠିତ ଭାଜପା ସରକାର ପ୍ରସ୍ତୁତ ପ୍ରଥମ ବଜେଟ ଉପରେ ବାମରା ମଣ୍ଡଳର ଗୋବିନ୍ଦପୁର ଓ ଚଇତ୍ରା ମଣ୍ଡଳର ପାରୁଆଭାଡି ପଞ୍ଚାୟତରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାମରା ମଣ୍ଡଳ ସଭାପତି ନରେଶ ସିଂ ଠାକୁରଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜ୍ୟୋତି କୁମାର ଲାଠ, ମଣ୍ଡଳ ପ୍ରଭାରୀ ପଦ୍ମଚରଣ ଗୁରୁ ବଜେଟ ଉପରେ ବକ୍ତବ୍ୟ ରଖିଥିଲେ। ନିର୍ବାଚନରେ ଭାଜପା ମତଦାତାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ବଜେଟରେ ବ୍ୟୟ ବରାଦ କରାଯାଇଛି। ସୁଭଦ୍ରା ଯୋଜନା, ସମ୍ବଲପୁର ରିଭର୍ ଫ୍ରଣ୍ଟ ଯୋଜନା, ମାଧୋ ସିଂହ ହାତ ଖର୍ଚ୍ଚ ଆଦି ଲୋକାଭିମୁଖୀ ଯୋଜନା କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଯୁବ ବର୍ଗ, ମହିଳା ଓ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ନେଇ ହୋଇଥିବା ସେମାନେ କହିଥିଲେ। ସମ୍ପାଦକ ବିଷ୍ଣୁ ଅଗ୍ରୱାଲ ସଭା ପରିଚାଳନା କରିଥିଲେ। ମଣ୍ଡଳ ପ୍ରଭାରୀ ଗୁରୁ, ମୁଖ୍ୟବକ୍ତା ଲାଠ, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ସେନା ଅଧିକାରୀ ମହେନ୍ଦ୍ର ପୃଷେଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ପ୍ରମୋଦ ନାଏକ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଲ୍ୟାଣୀ ଦୁବେ, ଯାଫନା ପଟେଲ, ଯୁବମୋର୍ଚ୍ଚା ନେତା ପରେଶ ବଞ୍ଛୋର୍, ଗୋବିନ୍ଦପୁର ପଞ୍ଚାୟତ ଭାଜପା ଅଧକ୍ଷ ଚଙ୍କି ଉପାଧ୍ୟାୟ ଉପସ୍ଥିତ ଥିଲେ। ସେହିପରି କୁଚିଣ୍ଡା ବ୍ଲକ ଚଇତ୍ରା ମଣ୍ଡଳ ପକ୍ଷରୁ ପାରୁଆଭାଡି କଲ୍ୟାଣ ମଣ୍ଡପଠାରେ ବଜେଟ ଉପରେ ଆଲୋଚନା ହୋଇଥିଲା। ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ଆଲୋଚନାରେ ପ୍ରଭାରୀ ରଞ୍ଜନ କୁମାର ମହାପାତ୍ର, ଆଇନଜୀବୀ ସଚ୍ଚିଦା ଶର୍ମା ବଜେଟରେ କିଭଳି ପ୍ରତିଟି ସ୍ତରକୁ ଦୃଷ୍ଟି ଦିଆଯାଇଛି କହିଥିଲେ। ମଣ୍ଡଳ ସମ୍ପାଦକ ସରୋଜ ଖର୍ସେଲ, ରାଜକୁମାର ରକ୍ସା, ମହିଳା ମୋର୍ଚ୍ଚା ସଭାପତି ଲୋରିନା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ନଗଦବିହୀନ ଟିକେଟ୍ ବିକ୍ରିର ଶୁଭାରମ୍ଭ

ସମ୍ବଲପୁର,୧୨ା୮(ପ୍ରମୋଦ ବହିଦାର)

### ସମ୍ବଲପୁର ରେଳ ମଣ୍ଡଳ





ରେଳଯାତ୍ରୀଙ୍କ ସୁବିଧା ପାଇଁ ସମ୍ବଲପୁର ରେଳ ମଣ୍ଡଳ ଅଧିନ ବିଭିନ୍ନ ଷ୍ଟେଶନରେ କୁଆର୍ କୋର୍ଡ(କୁଇକ ରେସପନ୍ସ କୋଡ) ଜରିଆରେ ରେଳ ଟିକେଟ ବିକ୍ରିର ଶୁଭାରମ୍ଭ ହୋଇଛି। ଯାତ୍ରୀମାନେ ଟିକେଟ୍ କିଣା ବାବଦକୁ ଦେୟ ପଇଠ ପାଇଁ କୁଆର୍ କୋଡ୍ ସ୍କାନ କରିବାର ବିକଳ୍ପ ପାଇଛନ୍ତି। ତେଣୁ ରେଳଯାତ୍ରୀମାନଙ୍କୁ ଏହି ସୁବିଧାର ସୁଯୋଗ ନେବା ପାଇଁ ରେଳ ମଣ୍ଡଳ ପକ୍ଷରୁ ନିବେଦନ କରାଯାଇଛି। ଡିଜିଟାଲ ଦେୟକୁ ପ୍ରୋହିତ କରିବା ଲକ୍ଷ୍ୟରେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଏହା ଅଧିନ ସମସ୍ତ ଟିକଟ କାଉଣ୍ଟରରେ କୁଆର୍ କୋଡ୍ ପ୍ରଦର୍ଶନ ସେବା ସ୍ଥାପନ କରିବାକୁ ପଦକ୍ଷେପ ନିଆଯାଇଛି। ସମ୍ବଲପୁର ରେଳ ମଣ୍ଡଳ ଅଧୀନ ସମସ୍ତ ରେଳ ଷ୍ଟେଶନର ଉଭୟ ଅଣସଂରକ୍ଷିତ ଓ ସଂରକ୍ଷିତ ଟିକେଟ୍ କାଉଣ୍ଟରରେ କୁଆର୍ କୋର୍ଡ ସେବା ସ୍ଥାପନ ଆଗେଇ ଚାଲିଛି। ଆସନ୍ତା ଅଗଷ୍ଟ ୧୫ ତାରିଖ ସୁଦ୍ଧା ରେଳ ମଣ୍ଡଳ ଅଧିନ ଅନ୍ୟ ସମସ୍ତ ରେଳ ଷ୍ଟେଶନର ଅଣସଂରକ୍ଷିତ ଟିକେଟ୍ କାଉଣ୍ଟରରେ ଉପଲବ୍ଧ ହେବ। ଏହାସହିତ ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ସମସ୍ତ ଷ୍ଟେଶନର ସଂରକ୍ଷିତ ଟିକେଟ୍ କାଉଣ୍ଟରଗୁଡ଼ିକରେ ମଧ୍ୟ ଏହି ସେବା ଆରମ୍ଭ ହୋଇଯିବ। ଫଳରେ ଯାତ୍ରୀମାନଙ୍କୁ ଆଉ ଖୁଚୁରା ପଇସା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଯାହା ରେଳବାଇର ଟିକେଟ୍ ବିକ୍ରୟ ପ୍ରକ୍ରିୟାକୁ ଅଧିକ ଦକ୍ଷତା ସମ୍ପର୍ଣ୍ଣ କରିବାରେ ସହାୟକ ହେବ। ଯାତ୍ରୀମାନେ ନଗଦବିହୀନ ସେବା ପାଇବାରେ ସକ୍ଷମ ହେବେ। ଖାଲି ସେତିକି ନୁହେଁ ରେଳବାଇ ପକ୍ଷରୁ ଟିକେଟ୍ ଫେରସ୍ତ ପ୍ରକ୍ରିୟାକୁ ମଧ୍ୟ ନଗଦବିହୀନ ଓ ତ୍ୱରିତ ସେବା ଯୋଇବା ପାଇଁ ଡିଜାଇନ୍ କରାଯାଇଛି।

## ସମ୍ବଲପୁରରେ ସଙ୍କଳ୍ପ ଯାତ୍ରାକୁ ଭବ୍ୟ ସ୍ୱାଗତ

ସମ୍ବଲପୁର,୧୨ା୮(ବି.ଶଙ୍କର)



ସୋମବାର ସମ୍ବଲପୁରରେ ସଙ୍କଳ୍ପ ଯାତ୍ରା ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଛି ।

### ସ୍ୱର୍ବେଦ ଗ୍ରନ୍ଥର ପ୍ରତ୍ୟେକ ଶବ୍ଦରେ ଚମତ୍କାରିତା ରହିଛି

ସନ୍ଥ ସଦାଫଳଦେବଙ୍କ ଲିଖିତ ସ୍ୱର୍ବେଦ ଗ୍ରନ୍ଥର ପ୍ରତିଟି ଶବ୍ଦରେ ଅଦ୍ଭୁତ ଚମତ୍କାରିତା ଭରି ରହିଛି । ଏହି ଗ୍ରନ୍ଥ ସେବା, ସତ୍‌ସଙ୍ଗ ଓ ସାଧନାର ତ୍ରିବେଣୀ ସଙ୍ଗମ। ଏହାର ବାଣୀ ଅମୋଘ ରହିଛି। ତେଣୁ ଶ୍ରବଣ ମାତ୍ରେ ହିଁ ଶୁଭ ସଂସ୍କାର ଉଦୟ ହେବା ସହ ବିବେକ ଜାଗ୍ରତ ହୋଇ ଅବିଦ୍ୟା ଓ ଅହଙ୍କାରକୁ ନଷ୍ଟ କରିଥାଏ। ରାଷ୍ଟ୍ରବ୍ୟାପୀ ମହା ସଙ୍କଳ୍ପ ଯାତ୍ରା ସୋମବାର ସମ୍ବଲପୁରରେ ପହଞ୍ଚିବା ପରେ ବିହଙ୍ଗମ ଯୋଗ ସଂସ୍ଥାନର ସନ୍ଥପ୍ରବର ବିଜ୍ଞାନ ଦେବ ଜୀ ମହାରାଜ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ବିହଙ୍ଗମ ଯୋଗ ସନ୍ଥ ସମାଜର ଶତାବ୍ଦୀ ବର୍ଷ ପାଳନ ଅବସରରେ ବାରାଣସୀର ସ୍ୱର୍ବେଦ ମହାମନ୍ଦିରଠାରେ ହେବାକୁ ଥିବା ୨୫ ହଜାର କୁଣ୍ଡୀୟ ଜ୍ଞାନଯଜ୍ଞ ପାଇଁ କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ବାହାରିଥିବା ରାଷ୍ଟ୍ରବ୍ୟାପୀ ମହା ସଂକଳ୍ପ ଯାତ୍ରା ବାହାରିଛି। ମଙ୍ଗଳବାର ସମ୍ବଲପୁରରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୁଞ୍ଜେଲପଡା ଛକରୁ ଏକ ବିରାଟ ପଟୁଆରରେ ଏହି ଯାତ୍ରା ଝାଡୁଆପଡା ଆରଣ୍ୟକ ମଣ୍ଡପରେ ପହଞ୍ଚିଥିଲା। ଏହା ପରେ ସନ୍ଥପ୍ରବର ବିଜ୍ଞାନ ଦେବ ଜୀ ମହାରାଜ ସେଠାରେ ସମବେତ ଭକ୍ତମାନଙ୍କୁ ଦିବ୍ୟବାଣୀ ଶୁଣାଇଥିଲେ। ଏଥିସହ ଆସନ୍ତା ଡିସେମ୍ବର ୬ ଓ ୭ ତାରିଖ ବାରଣାସୀଠାରେ ହେବାକୁ ଥିବା ୨୫ହଜାର କୁଣ୍ଡୀୟ ଜ୍ଞାନଯଜ୍ଞରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିଥିଲେ । ସଞ୍ଜୟ କୁମାର ପଣ୍ଡା ଏବଂ ଡ. ଅନାମିକା ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ହେମନ୍ତ କୁମାର ମହାପାତ୍ର, ରାମଧୁରୀ ଗୁପ୍ତା ଏବଂ ଉମାଶଙ୍କର ଗୁପ୍ତା ସମ୍ମାନୀତ ଅତିଥିଭାବେ ଯୋଗଦେଇ ସନ୍ଥପ୍ରବରଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିହଙ୍ଗମ ଯୋଗ ଅନୁଷ୍ଠାନ ପକ୍ଷରୁ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଓ ସମ୍ବଲପୁରର ଯୁବୋଦ୍ୟୋଗୀ ମାଧବ ଡାଲମିଆଙ୍କୁ ସମ୍ମାନୀତ କରାଯାଇଥିଲା। ଡାକ୍ତର ସୁଶୀଲ ମିଶ୍ର ବିହଙ୍ଗମ ଯୋଗ ଓ ସନ୍ଥ ପରିବାର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରୁପିଲେଜ ଏ ବ୍ରେଷ୍ଟି ଫାଷ୍ଟ ସେଞ୍ଚୁରୀ ଗୁରୁକୁଳର ଛାତ୍ରୀଛାତ୍ରମାନେ ଗୁରୁବନ୍ଦନା ଓ ସ୍ୱର୍ବେଦ ଗ୍ରନ୍ଥର ଦୋହା ପାଠ କରିଥିଲେ। ଗୁରୁ ଅସୀମ ପ୍ରଧାନଙ୍କ ଦଳ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

